



# ପରିକ୍ରମା ପ୍ରକଳ୍ପ ବୁଲି ଦେଖିଲେ ମୁଖ୍ୟ ଶାସନ ସଚିବ

**ପୁରୀ, ୯।୧(ସମିସ)**



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଚାଲିଛି ଭବ୍ୟ ଆୟୋଜନ। ଦେଶର ପ୍ରମୁଖ ମନ୍ଦିରର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବେ। ଏଥିପାଇଁ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପୁରୀ ଗସ୍ତରେ ଆସି ପ୍ରଶାସନିକ ପ୍ରସ୍ତୁତି ଏବଂ ପରିକ୍ରମା ପ୍ରକଳ୍ପ କାମର ସମୀକ୍ଷା କରିଛନ୍ତି। ଏଥିସହ ନିର୍ମାଣାଧୀନ ଶ୍ରୀଦାଣ୍ଡ ଓ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର (ଜେବିପିସି) ବୁଲି ଦେଖିଛନ୍ତି।

ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ପ୍ରଥମେ ମନ୍ଦିର ଚତୁଃପାର୍ଶ୍ୱ ବୁଲିଥିଲେ। ତାଙ୍କ ସହିତ ଜିଲ୍ଲାପାଳ ସମର୍ଥ ବର୍ମା, ଉପଜିଲ୍ଲାପାଳ ଭବତାରଣ ସାହୁ ଏବଂ ନିର୍ମାଣକାରୀ ସଂସ୍ଥା ଓବିସିସିର ଅଧିକାରୀ ଥିଲେ। ଯଜ୍ଞମଣ୍ଡପ ଏବଂ ଅତିଥିମାନଙ୍କ ବସିବା ପାଇଁ ପ୍ରସ୍ତୁତ ହେଉଥିବା ଶେଡ୍ କାମ ଦେଖିଥିଲେ। ଏହାପରେ ମୁଖ୍ୟ ଶାସନ ସଚିବ ଜେବିପିସିରୁ ଦୋଳବେଦୀକୁ ସଂଯୋଗ ପାଇଁ ତିଆରି ଚାଲିଥିବା ନୂଆ ରାସ୍ତା 'ଶ୍ରୀଦାଣ୍ଡ' କାମ କେଉଁ ସ୍ଥିତିରେ ଅଛି ତାହା ନିଜେ ଅନୁଧ୍ୟାନ କରିଥିଲେ। ଦୋଳବେଦୀରୁ ଜେବିପିସିକୁ ଶ୍ରୀଦାଣ୍ଡ ଦେଇ ଚାଲି ଚାଲି ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ବେଶ ପ୍ରଦର୍ଶନୀ ପାଇଁ ତିଆରି ଚାଲିଥିବା ଶେଡ୍ ଆଦି ବୁଲି ଦେଖିଥିଲେ। ଯେହେତୁ ପ୍ରକଳ୍ପ ଲୋକାର୍ପଣ ପରେ ରାଜ୍ୟର ବିଭିନ୍ନ ପଞ୍ଚାୟତରୁ ଲୋକେ ପ୍ରକଳ୍ପ ବୁଲିବାକୁ ଆସି ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବେ ସେଠାକାର ପ୍ରସ୍ତୁତିର ତଦାରଖ କରିଥିଲେ। ଏହାପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

**ଶ୍ରୀଦାଣ୍ଡ କାମ ଅନୁଧ୍ୟାନ କଲେ**

**ପ୍ରକଳ୍ପରେ ଲାଗିଛି ୯ଟି ସ୍ଲାଇଡିଂ ଡୋର**

ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ପୂର୍ବ ସମୀକ୍ଷାର ତିନିଦିନ ପରେ କାମ ବେଶ୍ ଅଗ୍ରଗତି ହୋଇଛି। ୮୦୦ ମିଟର ଶ୍ରୀମାର୍ଗରେ ପେଭର ବ୍ଲକ ପକାଯାଉଛି। ଏଥିମଧ୍ୟରୁ ୩୦୦ ମିଟର ରାସ୍ତା ସମସ୍ୟା ରହିଛି। ଭୂତଳ କେବୁଲିଂ, ପାଇପ ୱାଟର ପକା ସରିଥିବାରୁ ଶ୍ରୀମାର୍ଗ କାମ ସମ୍ପୂର୍ଣ୍ଣ ନେଇ ସେ ଦୃଢ଼ ଆଶାବାଦୀ ଅଛନ୍ତି। ଦିନରାତି ଏକ କରି କାମ ସମ୍ପୂର୍ଣ୍ଣ ପାଇଁ ଅଧିକ କର୍ମଚାରୀ ନିୟୋଜିତ ହେବେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଲାଗିଛି ୯ଟି ସ୍ଲାଇଡିଂ ଡୋର। ଏବେ ଏହା ମନୁଷ୍ୟ କୃତ ଭାବେ ପରିଚାଳିତ ହେବ। ପରେ ଏହାର ପରିଚାଳନା ଦାୟିତ୍ୱ ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ହାତରେ ରହିବ। ଶ୍ରୀସେତୁର ସ୍ୱାଗତ ତୋରଣ ପ୍ରଥମେ ପରୀକ୍ଷଣ କରାଯିବ। ସୁରକ୍ଷା ଓ ନିରାପତ୍ତା ରିପୋର୍ଟ ଠିକ୍ ଆସିଲେ ପୂର୍ଣ୍ଣ ସ୍ୱାଗତ ତୋରଣ ନଚେତ୍ ବୈଷୟିକ କମିଟି ସହାୟତା ନେଇ ଗୋଟିଏ ଫାଳ ଖୋଲାଯିବ। ପୁରୀର ଅନେକ ପରିବର୍ତ୍ତନ ହୋଇଛି। ଆହୁରି ଅନେକ ପ୍ରକଳ୍ପ କାମ ଚାଲିଛି। ବଡ଼ଦାଣ୍ଡର ରୂପ ରେଖ ବଦଳିଛି ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ।

# ୧୮ ରୁ ସମଙ୍ଗ, ଶ୍ରୀଦାଣ୍ଡ ଦେଇ ପ୍ରକଳ୍ପକୁ ଆସିବେ ଭକ୍ତ

**ପୁରୀ, ୯।୧(ସମିସ):** ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ। କିନ୍ତୁ ୧୨ରୁ ଆରମ୍ଭ ହୋଇଯିବ ଯଜ୍ଞ ପ୍ରକ୍ରିୟା। ତେଣୁ ୧୧ ତାରିଖ ସୁଦ୍ଧା ପ୍ରକଳ୍ପ ଲୋକାର୍ପଣ ପାଇଁ ପ୍ରାୟ ସମସ୍ତ କାମ ଶେଷ କରାଯିବ। ଏଥିପାଇଁ ସବୁ କାମ ତ୍ୱରାନ୍ୱିତ ଚାଲିଛି ବୋଲି କହିଛନ୍ତି ଜିଲ୍ଲାପାଳ ସମର୍ଥ ବର୍ମା। ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜିଲ୍ଲାପାଳ ଶ୍ରୀ ବର୍ମା କହିଛନ୍ତି, ପ୍ରାୟ ୯୯ ପ୍ରତିଶତ କାମ ସରିଲାଣି। ଏବେ ବିଭିନ୍ନ ପ୍ରକଳ୍ପର ସଫେଇ କାମ ଚାଲିଛି। ପରିକ୍ରମା ପ୍ରକଳ୍ପ ପରିସରରେ କାମ ଯୋଗୁ ଯେଉଁସବୁ ଭଗ୍ନାବଶେଷ ପଡ଼ିରହିଥିଲା ସେ ଗୁଡ଼ିକ ଉଠାଯାଇ ସଫା କରାଯାଉଛି। ଆସନ୍ତା ୧୨ ତାରିଖ ସୁଦ୍ଧା ସବୁ ପ୍ରକଳ୍ପ ହସ୍ତାନ୍ତର ହେବ। ଶ୍ରୀସେତୁ କାମ ସମ୍ପୂର୍ଣ୍ଣ ହୋଇଯାଇଛି। ଆସନ୍ତା ୧୮ ତାରିଖରୁ ହଜାର ହଜାର ଲୋକ ସମଙ୍ଗ ପାର୍କିଂରେ ପହଞ୍ଚିବେ। ସେଠାରୁ ଶ୍ରୀସେତୁ ଏବଂ ଶ୍ରୀଦାଣ୍ଡ ଦେଇ ପରିକ୍ରମା ପ୍ରକଳ୍ପକୁ ଆସିବେ। ମହାପ୍ରଭୁଙ୍କୁ ଦର୍ଶନ ସହ ପରିକ୍ରମା ପ୍ରକଳ୍ପ ବୁଲି ଦେଖିବେ। ସମଙ୍ଗ ପାର୍କିଂରେ ଲୋକମାନଙ୍କ ପାଇଁ ଆବଶ୍ୟକ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ସେହିପରି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ପୁରୀ ସହରକୁ ଏକ ଆଧ୍ୟାତ୍ମିକ ରୂପ ଦିଆଯାଇଛି। ବଡ଼ଦାଣ୍ଡକୁ ଗୋଟିଏ ରଙ୍ଗ କରାଯାଇଥିବା ବେଳେ କାନ୍ଥ, ପ୍ରାଚୀରରେ ଆକର୍ଷଣୀୟ ଚିତ୍ରକଳା କରାଯାଉଛି। ସେହିପରି ଆଲୋକୀକରଣ ସାଙ୍ଗକୁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ବାହାରକୁ ଆସିବାକୁ ଥିବା ଅତିଥିମାନେ ଯେପରି ଏକ ଭଲ ଅନୁଭୂତି ନେଇ ଯିବେ ତାକୁ ନଜରରେ ରଖି ସମସ୍ତ ପ୍ରକାର ବ୍ୟବସ୍ଥା ହେଉଥିବା ଜିଲ୍ଲାପାଳ କହିଛନ୍ତି।

**୯୯ ପ୍ରତିଶତ କାମ ସରିଲାଣି, ଏବେ ଚାଲିଛି ସଫେଇ**



# ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**ପୁରୀ, ୯।୧(ସମିସ):** ରାଜ୍ୟର ଏକ ଅଗ୍ରଣୀ, ପ୍ରତିଷ୍ଠିତ ତଥା ପୁରାତନ ଶିକ୍ଷାନୁଷ୍ଠାନ ପୁରୀର ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ କଲେଜ। ଏହି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଲାଗି ଦୀର୍ଘବର୍ଷ ହେବ ଦାବି ହୋଇଆସୁଛି। ଉନ୍ନତ ଭିତ୍ତିଭୂମି ସାଙ୍ଗକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ସମସ୍ତ ମାପଦଣ୍ଡ ମଧ୍ୟ ପୂରଣ କରୁଥିବା ବେଳେ ଏହି ଖ୍ୟାତିସମ୍ପନ୍ନ ତଥା ପୁରାତନ କଲେଜକୁ ଅଣଦେଖା କରାଯାଉଛି। ତେଣୁ ଏହାକୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ଦାବିରେ ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଅଭିନନ୍ଦନିକା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ବିଶିଷ୍ଟ ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖରଙ୍କ ନାମରେ ୧୯୪୪ ମସିହାରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏକଦା ରେଭେନ୍ସା ସହ ସମକକ୍ଷ ଥିବା ଏହି ମହାବିଦ୍ୟାଳୟଟି ଆନ୍ତରିକତା ଅଭାବରୁ ବିଶ୍ୱବିଦ୍ୟାଳୟ ମାନ୍ୟତାରୁ ବଞ୍ଚିତ ହୋଇଛି। ୧୯୯୦ ମସିହାରେ ଏହି ମହାବିଦ୍ୟାଳୟକୁ ରାଜ୍ୟ ସରକାର ଅଗ୍ରଣୀ ମହାବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ୧୯୯୯ରେ ଏହା ସ୍ୱୟଂଶାସିତ ମାନ୍ୟତା ମଧ୍ୟ ଲାଭ କରିଥିଲା ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ଏହି ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଉତ୍କର୍ଷ କେନ୍ଦ୍ର ରୂପେ ମାନ୍ୟତା ପାଇଛି। ତେଣୁ ଆସନ୍ତା ୧୭ ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଅବସରରେ ଶ୍ରୀକ୍ଷେତ୍ର ପୁରୀର ପ୍ରମୁଖ ମଣିଷଗଢ଼ା କାରଖାନା ଏସ୍‌ସିଏସ୍ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ**

# ବାଲୁକା କଳାରେ ଏସିଡିଟି ମୁକ୍ତ ଜୀବନଶୈଳୀର ବାର୍ତ୍ତା




**ପୁରୀ, ୯।୧(ସମିସ)**

ଚଳିତ ବର୍ଷ ବିଶ୍ୱ ଏସିଡିଟି (ଅମ୍ଳଦୋଷ) ଦିବସକୁ ନିଆରା ଢଙ୍ଗରେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଅନନ୍ୟ ବାଲୁକା କଳା ମାଧ୍ୟମରେ ପାଳନ କରାଯାଇଛି। ଲୋକମାନଙ୍କ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଏସିଡିଟି ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ଦ୍ରୁତ ଜୀବନଶୈଳୀ, ଅସନ୍ତୁଳିତ ଆହାର ଏବଂ ଅନ୍ୟାନ୍ୟ କାରଣ ଲାଗି ଏସିଡିଟି ହୋଇଥାଏ, ଯାହା ପରବର୍ତ୍ତୀ ସମୟରେ ଅନେକ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୁଏ। ଏସିଡିଟିର ଆବିଷ୍କାର କରିଥିବା ଡ. ସୋରେନ ସେନଙ୍କ ଜୟନ୍ତୀରେ ତାଙ୍କ ଅବଦାନକୁ ମନେ ପକାଇବା ଲାଗି ବିଶ୍ୱ ଏସିଡିଟି ଦିବସ ପାଳନ କରାଯାଉଛି। ଏହି ବାଲୁକା କଳା ହେଉଛି ଡକ୍ଟର ରେଡିସ୍, ଡାକ୍ତର ଏବଂ ଆସୋସିଏଶନ ଅଫ ଫିଜିସିଆନ ଅଫ୍ ଇଣ୍ଡିଆର ଏକ ମିଳିତ ପ୍ରୟାସ। ଏସିଡିଟି ମୁକ୍ତ ଜୀବନଶୈଳୀ କିଭଳି ଆନନ୍ଦଦାୟକ ତାହା ଏହି ବାଲୁକା କଳାରେ ପ୍ରତିଫଳିତ ହୋଇଛି।

# ପରିକ୍ରମା ପ୍ରକଳ୍ପ ପାଇଁ ଘରେ ଘରେ ଭାଗବତ

**ପୁରୀ, ୯।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉପଲକ୍ଷେ ପୁରୀରେ ଆଧ୍ୟାତ୍ମିକ ଜନଜାଗରଣ ପାଇଁ ଆରମ୍ଭ ହୋଇଛି ଘରେ ଘରେ ଭାଗବତ କାର୍ଯ୍ୟକ୍ରମ। ପରିକ୍ରମା ପ୍ରକଳ୍ପ ନିମନ୍ତେ ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଜଗନ୍ନାଥ ଭକ୍ତଙ୍କ ମନରେ ଭଗବତ୍ ଚେତନା ଭରିଦେବା ପାଇଁ ଏହି ଘରେ ଘରେ ଭାଗବତ ପାଠ କରାଯାଉଛି। ମଙ୍ଗଳବାର ନିର୍ବେଦ ପରିବାର ପକ୍ଷରୁ ଏ. ମୀନାକୁମାରୀଙ୍କ ଦ୍ୱାରା ପୁରୁଣା ସଦର ଥାନା ରୋଡରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଯୁବ ଚେତନା ସଙ୍ଗଠନ ସଭାପତି ତଥା ଭାଗବତ ଗବେଷକ ବଦ୍ରି ମିଶ୍ର ଯୋଗଦାନ କରିଥିବା ବେଳେ ବିଶିଷ୍ଟ ପ୍ରବଚିକା ନିର୍ମଳା ଫତେସିଂହ ଗଜ ଉଦ୍ଧାରଣ ବିଷୟ ଉପରେ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ। ଏଥିରେ ସୁନନ୍ଦା ପଟ୍ଟନାୟକ, ମହାଶ?ବେତା ମହାନ୍ତି, ଝିମିଲି ପଟ୍ଟନାୟକ, ଉଷାରାଣୀ ମହାନ୍ତି, ପ୍ରଦୀପ ପଟ୍ଟନାୟକ, ସୁଲୋଚନା ମିଶ୍ର, ରାଜଲକ୍ଷ୍ମୀ ମିଶ୍ର, ଚୌଧୁରୀ ମିନତୀ ମହାନ୍ତି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ପେଦୀ ବଳିୟାରସିଂହ, ହେମନ୍ତ ଛୋଟରାୟ, ବିଶ୍ୱନାଥ ହୋତା, ସବିତା ମିଶ୍ର, କାଞ୍ଚନବାଳା ଦଳାଇ, ମମତା ପଟ୍ଟନାୟକ, ଅଧିବକ୍ତା ଅନୀଲ କୁମାର ସାହୁ, କୃଷ୍ଣପ୍ରିୟା ମହାପାତ୍ର ପ୍ରମୁଖ ଯୋଗଦେଇଥିବା ବେଳେ କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର ଓ କବିତା ରଥ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

# ମହାପ୍ରଭୁଙ୍କୁ ଦର୍ଶନକଲେ ହାର୍ଦ୍ଦିକ ପଟେଲ

**ପୁରୀ, ୯।୧(ସମିସ):** ଗୁଜୁରାଟର ବିଧାୟକ ତଥା ପଟିଦାର ଆନ୍ଦୋଳନ ନେତା ହାର୍ଦ୍ଦିକ ପଟେଲ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଗୁଜରାଟର ପ୍ରଜାପିତା ପରିବାର ପକ୍ଷରୁ ଆୟୋଜିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା

**ପରିକ୍ରମା ପ୍ରକଳ୍ପ ପାଇଁ ଜଣାଇଲେ ଶୁଭକାମନା**

ହାର୍ଦ୍ଦିକ ମଙ୍ଗଳବାର ସନ୍ଧ୍ୟାରେ ନିଜ କୌଳିକ ପଣ୍ଡା ଭୀମସେନ ପଲଙ୍କଧାରୀଙ୍କ ସହ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଏହିପରି ଅବସରରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୁରୀରେ ହେଉଥିବା ବିରାଟ ପରିକ୍ରମା ପ୍ରକଳ୍ପ ପାଇଁ ଶୁଭକାମନା ଜଣାଇଛନ୍ତି। ସମଗ୍ର ପୃଥିବୀରେ ଭାରତ ବିଶ୍ୱଗୁରୁ ହେଉ ବୋଲି ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ୫୦୦ ବର୍ଷ ପରେ ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଭାରତ ବର୍ଷରେ ସବୁ ଧାର୍ମିକ ପୀଠର ବିକାଶ କରାଯାଉଛି। ଏହାଦ୍ୱାରା ଆଧ୍ୟାତ୍ମିକ ଚେତନା ବୃଦ୍ଧି ପାଇବା ସହ ସାଂସ୍କୃତିକ ଜାଗରଣ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

# ଆଜି ପୁରୀ ଡିଭିଜନ୍‌ରେ ପକ୍ଷୀ ଗଣନା

**ପୁରୀ, ୯।୧(ସମିସ):** ପୁରୀ ବନ୍ୟପ୍ରାଣୀ ଡିଭିଜନରେ ବୁଧବାର ପକ୍ଷୀ ଗଣନା ହେବ। ଡିଭିଜନ ଅଧୀନ ୫ଟି ରେଞ୍ଜ ବାଲୁଖଣ୍ଡ, କୋଣାର୍କ, ଅସ୍ତରଙ୍ଗ, ଗୋପ ଓ ବ୍ରହ୍ମଗିରି ରେଞ୍ଜରେ ଏହି ଗଣନା କରାଯିବ। ଏଥିପାଇଁ ୨୫ଟି ଟିମ୍ ଗଠନ ହୋଇଛି। ପ୍ରତ୍ୟେକ ଟିମ୍‌ରେ ୩ ଜଣ ସଦସ୍ୟ ଅଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନିଜ ନିଜ ଗଣତି ସ୍ଥଳରେ ଏହି ଟିମ୍ ପହଞ୍ଚି ଯାଇଛନ୍ତି। ବୁଧବାର ଭୋର ସାଢେ ୫ଟାରୁ ଗଣତି ଆରମ୍ଭ ହେବ। ଯଦି କୁହୁଡ଼ି ହୁଏ ତେବେ ଗଣତିରେ ବିଳମ୍ବ ହୋଇପାରେ ବୋଲି ସହକାରୀ ବନ ସଂରକ୍ଷକ ଉତ୍ତମ ଗଡ଼ନାୟକ ସୂଚନା ଦେଇଛନ୍ତି। ଗଣନାରେ ସାମିଲ ହୋଇଥିବା ବନ କର୍ମଚାରୀ, ପକ୍ଷୀ ବିଶାରଦ ପ୍ରମୁଖଙ୍କ ସୋମବାର ପ୍ରଶିକ୍ଷଣ ଦିଆଯାଇଥିଲା। ଗଣନା ପାଇଁ ଗଠିତ ଟିମ୍ ସଦସ୍ୟ ବିଭିନ୍ନ ନଦୀ ଶଯ୍ୟା, ସନ୍ତସନ୍ତିଆ ସ୍ଥାନ, ଖାଲୁଆ ଅଞ୍ଚଳ ଏବଂ ଜଙ୍ଗଲିଆ ସ୍ଥାନରେ ରହିଥିବା ଦେଶୀବିଦେଶୀ ପକ୍ଷୀଙ୍କୁ ଠାବ କରିବା ସହିତ କେଉଁ ପ୍ରଜାତିର କେତେ ପକ୍ଷୀ ଆସିଛନ୍ତି ତାହା ଆକଳନ କରିବେ। ଅସ୍ତରଙ୍ଗରେ ଗଣନା ପାଇଁ ୨ଟି ବୋଟ ଏବଂ କୋଣାର୍କରେ ଗୋଟିଏ ବୋଟ ନିୟୋଜିତ ହେବ। ଆଉ ସବୁଠି ଚାଲି ଚାଲି ଗଣନା କରାଯିବ ବୋଲି ସହକାରୀ ବନ ସଂରକ୍ଷକ କହିଛନ୍ତି।

# ପ୍ରଫେସର୍ ଅରୁଣ ମିଶ୍ରଙ୍କୁ ସମ୍ବର୍ଦ୍ଧନା



**ପୁରୀ, ୯।୧(ସମିସ):** ସଂସ୍କୃତ କାବ୍ୟ ଗ୍ରନ୍ଥ 'ଶୂନ୍ୟେ ମେଘଗାନମ୍' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୨୦୨୩) ପାଇଥିବା ବିଶ୍ୱଭାରତୀ ଶାନ୍ତିନିକେତନର ପ୍ରଫେସର ଅରୁଣ ରଞ୍ଜନ ମିଶ୍ରଙ୍କୁ ସୋମବାର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସଭାପତିତ୍ୱ କରି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ କହିଥିଲେ ଯେ, ଯୁଗେ ଯୁଗେ ସଂସ୍କୃତ ସାହିତ୍ୟ ତାର ନିତ୍ୟ ନୂତନତାକୁ ଧରି ରଖିଛି ଏବଂ ଶ୍ରୀ ମିଶ୍ରଙ୍କ କାବ୍ୟ ଗ୍ରନ୍ଥଗୁଡ଼ିକ ହେଉଛି ଏହାର ପ୍ରମାଣ। ସାହିତ୍ୟ ବିଭାଗ ମୁଖ୍ୟ ଡ. ବସନ୍ତ ମିଶ୍ର ମତ ଦେଇଥିଲେ ଯେ, ପ୍ରଫେସର ମିଶ୍ର ଦୀର୍ଘ ସମୟ ଧରି ୮ଟି ଓଡ଼ିଆ କାବ୍ୟ ଗ୍ରନ୍ଥ ରଚନା କରିଥିବାର ଅନୁଭୂତିକୁ ପରେ ସଂସ୍କୃତ କାବ୍ୟ ରଚନାରେ ପ୍ରୟୋଗ କରି ସଫଳତା ପାଇଛନ୍ତି। ବିଶ୍ୱବିଦ୍ୟାଳୟ ଦ୍ୱାରା ଅର୍ପିତ ପ୍ରଶସ୍ତିପତ୍ରକୁ ପାଠ କରି ପ୍ରସିଦ୍ଧ ବ୍ୟାକରଣବିତ ଡ. ପ୍ରିୟବ୍ରତ ମିଶ୍ର କହିଥିଲେ ଯେ, ଭାରତ ବର୍ଷରେ ପଣ୍ଡିତମାନେ ଅରୁଣ ମିଶ୍ରଙ୍କୁ 'ଦ୍ରୁତ ବିଳମ୍ବିତ କବି' ବୋଲି ଆଖ୍ୟା ଦେଇଛନ୍ତି। କାରଣ ସେ ସଂସ୍କୃତରେ ଡେରିରେ ରଚନା ଆରମ୍ଭ କରି ମଧ୍ୟ ନିଜର ଉତ୍ତର ଆଧୁନିକ କାବ୍ୟ ଶୈଳୀ ଯୋଗୁ ଦ୍ରୁତ ପ୍ରସିଦ୍ଧି ଲାଭ କରିଛନ୍ତି। ବେଦ ବିଭାଗର ମୁଖ୍ୟା ଡ. ପରାମ୍ବା ଯୋଗମାୟା ଶ୍ରୀ ମିଶ୍ରଙ୍କର କେତୋଟି କାବ୍ୟ ଗ୍ରନ୍ଥର ଚର୍ଚ୍ଚା କରି କହିଥିଲେ ଯେ, ତାଙ୍କ କାବ୍ୟର ଅଭିବ୍ୟଞ୍ଜନା ଓ ଲାଳିତ୍ୟ ପାଠକମାନଙ୍କୁ ଯେତିକି କାବ୍ୟାନନ୍ଦ ଦିଏ ସେତିକି ଅନ୍ତର୍ମୁଖୀ ବି କରେ। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ପ୍ରଫେସର ମିଶ୍ର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ସମସ୍ତ ପ୍ରଫେସର, ଗବେଷକ ଓ ଛାତ୍ରମାନଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ସବୁବେଳେ ସଂସ୍କୃତ ମାତାର କାବ୍ୟ ଯାତ୍ରାରେ ଭାରତ ମାତାର ଜୟ ଧ୍ୱନିତ ହୋଇଆସିଛି। ଉତ୍ସବରେ ସାହିତ୍ୟ ବିଭାଗ ଅଧ୍ୟାପକ ଡ. ଦେବାଶିଷ ତ୍ରିପାଠୀ ମଙ୍ଗଳ ଗାନ କରିଥିଲେ। ସାହିତ୍ୟ ବିଭାଗ ମୁଖ୍ୟ ଡ. ବସନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ବାଳକୃଷ୍ଣ ବେରଦଳେଇ
ଅମଲାଭଟା, କେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ

**ଏସ୍‌ସିଏସ୍ କଲେଜରେ 'ନୂଆ-ଓ' ପୁରସ୍କାର ବିତରଣ ଉତ୍ସବ**

# ଛାତ୍ରଛାତ୍ରୀଙ୍କୁ କର୍ତ୍ତବ୍ୟନିଷ୍ଠ ହେବାକୁ ମନ୍ତ୍ରୀଙ୍କ ପରାମର୍ଶ

**ପୁରୀ, ୯।୧(ସମିସ):** ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ 'ନୂଆ-ଓ' କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗ କରିବା ଲାଗି ପ୍ରତିଶ୍ରୁତି ଦେବା ସହ ଛାତ୍ରଛାତ୍ରୀଙ୍କୁ କର୍ତ୍ତବ୍ୟନିଷ୍ଠ ଓ ପୁସ୍ତକ ପଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଓଡ଼ିଶା ସରକାର ଉଚ୍ଚ ଶିକ୍ଷାର ବିକାଶ ପାଇଁ ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ସୂଚନା ପ୍ରଦାନ କରିବା ସହ ମହାବିଦ୍ୟାଳୟର ଏହି 'ନୂଆ-ଓ' କାର୍ଯ୍ୟକ୍ରମ ଓଡ଼ିଶାରେ ଏକ ନମ୍ବର ଓ ଆକର୍ଷଣୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ ପୁରୀରେ ଚାଲିଥିବା ବିକାଶ କାର୍ଯ୍ୟକ୍ରମର ସୂଚନା ଦେବା ସହ ଏସ୍‌ସିଏସ ମହାବିଦ୍ୟାଳୟର ବିକାଶ ପାଇଁ ସମସ୍ତେ ସହଯୋଗ କରିବେ ବୋଲି ମତପୋଷଣ କରିଥିଲେ। ଛାତ୍ରଛାତ୍ରୀମାନେ ଅଧ୍ୟୟନ ସହ କସରତ, କ୍ରୀଡାରେ ଭାଗ ନେଇ ସୁସ୍ଥ ରହିବ ପାଇଁ ପରାମର୍ଶ ଦେଇଥିଲେ। 'ନୂଆ-ଓ' କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ନୋଡାଲ ଅଫିସର ଅଧ୍ୟାପିକା ଶୂନନ୍ଦିନୀ ପାଣି କାର୍ଯ୍ୟକ୍ରମ ସମ୍ପର୍କିତ ବିବରଣୀ ପାଠ କରିଥିଲେ। ନଭେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ସାଂସ୍କୃତିକ, ସାମାଜିକ ଓ କ୍ରୀଡାର ସମସ୍ତ କାର୍ଯ୍ୟକ୍ରମର ପୁରସ୍କାର ଓ ପ୍ରମାଣପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ବିଭାଗର ଛାତ୍ରୀ ଅନ୍ନପୂର୍ଣ୍ଣା ରଥ ନୂଆ-ଓ କାର୍ଯ୍ୟକ୍ରମର ଅଭିଜ୍ଞତା ବ୍ୟକ୍ତ କରିଥିଲେ। ଓଡ଼ିଆ ବିଭାଗର ଛାତ୍ର ନରସିଂହ ସୁଆର ଧନ୍ୟବାଦ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ, ଗୀତ, ଡ୍ରାମା ଓ ବାଦ୍ୟଯନ୍ତ୍ର ପରିବେଷଣ କରାଯାଇଥିଲା।




ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

### ଅର୍କକ୍ଷେତ୍ର ପରିକ୍ରମାରେ ଅର୍ପଣ ରଥ

# ୧୩ ୱାର୍ଡରୁ ଗୁଆ ଚାଉଳ ସଂଗ୍ରହ

କୋଣାର୍କ, ୯ ।୧(ସମିସ):

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଅର୍କକ୍ଷେତ୍ର କୋଣାର୍କର ପ୍ରତି ଘରୁ ଗୁଆ ଚାଉଳ ସଂଗ୍ରହ



ନିମନ୍ତେ ଅର୍ପଣ ରଥ ପରିକ୍ରମା ଜାରି ରହିଛି । ଶନିବାର କୋଣାର୍କ ଏନ୍‌ଏସି ପକ୍ଷରୁ କରମଙ୍ଗାସ୍ଥିତ ରାମମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇ ନଡିଆ ବାଡ଼େଇ ଅର୍ପଣ ରଥ ଶୁଭାରମ୍ଭ ହୋଇଥିଲା । ଶ୍ରଦ୍ଧାଳୁଙ୍କ ଗହଣରେ ରଥ ଜୟ ଜଗନ୍ନାଥ ଧ୍ୱନୀରେ ମନ୍ଦିର ପରିସରରୁ ବାହାରି ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା । ପରେ ବଜାର ପରିକ୍ରମା କରି କୁଣେଇ ଗ୍ରାମରୁ ଗୁଆ ଚାଉଳ ସଂଗ୍ରହ କରାଯାଇଥିଲା । ସୋମବାର ସୁଦ୍ଧା କୋଣାର୍କ ଏନ୍‌ଏସିର ୱାଡର୍ ନମ୍ବର ୧, ୨, ୩, ୪ ପରିଭ୍ରମଣ ପରେ ମଙ୍ଗଳବାର ୱାର୍ଡ ନମ୍ବର ୯ ଓ ୧୦ର ପ୍ରତି ପରିବାରରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଇଛି । ୧୦ ତାରିଖ ପର୍ଯ୍ୟନ୍ତ କୋଣାର୍କ ଏନ୍‌ଏସି ଅନ୍ତର୍ଗତ ୧୩ଟି ଓ୍ବାର୍ଡର ଘର ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ ହେବ । ଏହି ଗୁଆ ଚାଉଳକୁ ୧୭ତାରିଖରେ ପୁରୀ ପଠାଯିବ । ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଉପାଧ୍ୟକ୍ଷ ସୁରେଶ ରାଉତରାୟ, ନଗର ବିଜେଡି ସଭାପତି ଗୋପାଳ ବେହେରା, ବରିଷ୍ଠ ଶିକ୍ଷାବିତ୍ ପ୍ରବୋଧ ସାମନ୍ତରାୟ, କାଉନସିଲର ସ୍ୱପ୍ନା ଗୋଚ୍ଛାୟତ, ଶିକ୍ଷାବିତ୍ ଗନ୍ଧର୍ବ ସେନାପତି, ଈଶ୍ୱର ଗୋଚ୍ଛାୟତ, ପୂର୍ବତନ କାଉନସିଲର ପ୍ରତାପ ଗୋଚ୍ଛାୟତ ପ୍ରମୁଖ ସାମିଲ ହୋଇଛନ୍ତି ।

# ଛାଣିଜଙ୍ଗ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା



ଚାରିଛକ, ୯।୧(ସମିସ): ଜଗନ୍ନାଥ ଅର୍ପଣ ରଥ ଛଣିଜଙ୍ଗ ପଞ୍ଚାୟତ ବିଭିନ୍ନ ଗାଁ ପରିକ୍ରମା କରିବା ବେଳେ ରଥକୁ ସବୁଠି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି । ପଞ୍ଚାୟତର ଚକୋରଡା, କେଉଟଶାଳଦା, ବେଗୁନିଆ, ବସନ୍ତପୁର, ଅଳକୁଣ୍ଡ ଆଦି ଗ୍ରାମରେ ରଥ ପରିକ୍ରମା କରିଥିଲା । ବିଧାୟକ ସମୀର ରଂଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦସଭ୍ୟ ପ୍ରଦୀପ୍ତ ଖଟୋଇ, ବିଜେଡି ବ୍ଲକ ସଭାପତି ଅଶୋକ ସାହୁ, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ସାଂସଦଙ୍କ ବ୍ଲକ ପ୍ରତିନିଧି ସୁଧିର ରଂଜନ ଦାଶ, ଛଣିଜଙ୍ଗ ସରପଞ୍ଚ ଅଜୟ କୁମାର ପରିଡା, ସମିତିସଭ୍ୟା ଲକିବାଳା ନାୟକ, ବିଜେଡି ପଞ୍ଚାୟତ ସଭାପତି ସୁବାସ ଚନ୍ଦ୍ର ବାରିକ, ବରିଷ୍ଠ ନେତା ମହେନ୍ଦ୍ର ମହାପାତ୍ର, ପୂର୍ବତନ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ପରିଡା, ପ୍ରଦୀପ ଦାସ, ଦୁର୍ଯ୍ୟୋଧନ ମହାନ୍ତି, ଭାଗୀରଥି ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଖଟୋଇ ପ୍ରମୁଖ ରଥ ପରିକ୍ରମା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଗ୍ରାମର ମହିଳା ମାନେ ଅରୁଆ ଚାଉଳ, ଗୁଆ ପ୍ରଦାନ କରିଥିଲେ ।

### ଚାରିଛକ ଥାନାରେ ଆମ ପୁଲିସ କାର୍ଯ୍ୟକ୍ରମ

# ୩୭ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ




ଚାରିଛକ, ୯।୧(ସମିସ): ଚାରିଛକ ଥାନାର ଏକ ବର୍ଷ ପୂରଣ ଅବସରରେ ଥାନା ପରିସରରେ 'ଆମ ପୁଲିସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୩୭ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ. ସନ୍ତୋଷ କୁମାର ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନିମାପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଥାନା ଅଧିକାରୀ ମମତା ବିଶ୍ୱାଳ, ମହର୍ଷି ମାୟାଧର ଦାସ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଗୋପୀନାଥ କର, ସମାଜସେବୀ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, କାହ୍ନୁଚରଣ ବେହେରା, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ । କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡଃ କେଦାରନାଥ ସାହୁ ମଞ୍ଚ ପରିଚାଳନା କରିଥିଲେ । ପୁଲିସ ଓ ଜନତା ଉଭୟ ବନ୍ଧୁ ଭଳି ସଂପର୍କ ରହିବାର ଆବଶ୍ୟକତା ରହିଛି, ଆଇନଶୃଙ୍ଖଳା ରକ୍ଷା ଉପରେ ପୁଲିସ ସବୁବେଳେ ଦୃଷ୍ଟି ଦେଇଆସୁଛି ବୋଲି ଏସ୍‌ଡିପିଓ ଶ୍ରୀ ମଲ୍ଲିକ କହିଥିଲେ । ବିଭିନ୍ନ ସାମାଜିକ ଅନୁଷ୍ଠାନ ତରଫରୁ ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟିଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜନେତା, ସମାଜସେବୀ, ଏନ୍‌ସିସି ଛାତ୍ରୀ ଏବଂ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

### ■ ସତ୍ୟବାଦୀ ଟାଏକ୍ୱୋଣ୍ଡୋ ଏକାଡେମୀର ସଫଳତା

# ରାଜ୍ୟସ୍ତରରେ ଗୋଟିଏ ସ୍ୱର୍ଣ୍ଣ ଓ ୪ ରୌପ୍ୟ ପଦକ

ସାକ୍ଷୀଗୋପାଳ, ୯ ।୧ (ସମିସ): ଓଡ଼ିଶା ଟାଏକ୍ୱୋଣ୍ଡୋ ସଂଘ ଏବଂ ପୁରୀ ଟାଏକ୍ୱୋଣ୍ଡୋ ସଂଘର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୬ ଏବଂ ୭ ତାରିଖ ପୁରୀ ରାଣୀସତୀ ଭବନରେ ସିନିଅର, ଏବଂ ଜୁନିଅର ରାଜ୍ୟସ୍ତରୀୟ କିରୋଗୀ ଏବଂ ୨ୟ ସୁପର ସବ-ଜୁନିଅର ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ତିନି ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ପୁରୀ ଜିଲ୍ଲାର ସତ୍ୟବାଦୀସ୍ଥିତ ହାନା ଟାଏକ୍ୱୋଣ୍ଡୋ ଏକାଡେମୀର ମୁଖ୍ୟ କୋଚ୍ ଦୀପକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ୫ ଜଣିଆ ଟିମ୍ ଅଂଶ ଗ୍ରହଣ କରିଥିଲେ । ସୁପର ସବ-ଜୁନିଅର ବିଭାଗ (୪ରୁ୭) ବର୍ଷ ମଧ୍ୟରେ ଅମ୍ଳାନ ଜ୍ୟୋତି ବରାଳ , ଆର୍ଯ୍ୟନ ଅଭିଜ୍ଞା ମିଶ୍ର, ରୀତିକ ରଞ୍ଜନ ଦାସ ରୌପ୍ୟ ପଦକ ପାଇଥିଲେ । ସେହିପରି ଜୁନିଅର ଭିଭାଗ ରେ ୫୧କିଲ ବର୍ଗରେ ଅମିୟ ରଞ୍ଜନ ବେହେରା ରୌପ୍ୟ ପାଇଥିବା ବେଳେ କୋଚ୍ ଦୀପକ କୁମାର ପ୍ରଧାନ ସିନିଅର ଭିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଓଡିଶା ଟାଏକ୍ୱୋଣ୍ଡୋ ସଂଘର ସାଧାରଣ ସଂପାଦକ ମନମୋହନ ଭଞ୍ଜ କୃତଜ୍ଞତା ଜଣେଇଛନ୍ତି । ଏବଂ କୋଚ ଦୀପକ ପ୍ରଧାନ ଏବଂ ଏକାଡେମୀର ମୁଖ୍ୟ ସତ୍ୟନାରାୟଣ ମିଶ୍ର, ସୀତାକାନ୍ତ ମହାପାତ୍ର, ଉମାକାନ୍ତ ମିଶ୍ର, ହର ଭାଇନା ଏବଂ ରଘୁନାଥ ମଙ୍ଗରାଜ ଡ. ଅଭିମନ୍ୟୁ ବରାଳ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ସାମ୍ବାଦିକଙ୍କ ପିତୃ ବିୟୋଗ

କୋଣାର୍କ, ୯ ।୧(ସମିସ): କୋଣାର୍କ ମିଡ଼ିଆ ଫୋରମର ସଭାପତି ସାମ୍ବାଦିକ ଅବନୀ ଭୂଷଣ ବାରିକଙ୍କ ପିତା ତଥା କୋଣାର୍କର ବରିଷ୍ଠ ନାଗରିକ ରଘୁନାଥ ବାରିକ (୯୪)ଙ୍କ ପରଲୋକ ଘଟିଛି । ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ମୃତ୍ୟୁ ଖବର



ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ବଜାର ପରିକ୍ରମା କରାଯାଇଥିଲା । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଜ୍ୟେଷ୍ଠ ପୁତ୍ର ବିଭୁତି ଭୂଷଣ ବାରିକ ମୁଖାଗ୍ନି ଦେଇଥିଲେ । କୋଣାର୍କର ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ଆତ୍ମାର ସଦଗତି କାମନା କରାଯାଇଛି ।

### ସରୁନି ତାଳେଦା ସେତୁ କାମ

# ବିପଦଶଙ୍କୁଳ ଅବସ୍ଥାରେ ଡଙ୍ଗାରେ ଯାତ୍ରା

ଅସ୍ତରଙ୍ଗ, ୯ ।୧(ସମିସ):

ଗଡୁଚି ଦିନ ପରେ ଦିନ ଦେବୀ ନଦୀର ଭରା ନଈରେ ପୂର୍ବ ପରି ବିପଦଶଙ୍କୁଳ ଭାବରେ ଯାତ୍ରା କରୁଛନ୍ତି ତାଳେଦା ଦ୍ୱିପାଞ୍ଚଳବାସୀ । ଅସ୍ତରଙ୍ଗ ବ୍ଲକ ଦେବୀନଦୀରେ ଖଣ୍ଡାସାହି ଓ ତାଳଦା ଦ୍ୱିପାଞ୍ଚଳକୁ ସଂଯୋଗ ନିମନ୍ତେ ନିର୍ମାଣାଧୀନ ବିଜୁସେତୁ କାର୍ଯ୍ୟ ୯ବର୍ଷ ପରେ ବି ସରିପାରୁନି ।ରାଜକୋଷରୁ କୋଟି କୋଟି ଟଙ୍କାର ବ୍ୟୟବରାଦ ହୋଇ ମଧ୍ୟ ନିର୍ଦ୍ଧାରିତ ସମୟରେ ଯେଉଁ କାମ ହେବା କଥା ତା' ନହେବାରୁ ଗମନାଗମନ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାଳଦା ଦ୍ୱିପାଞ୍ଚଳବାସୀ । ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ, ରୋଗୀ ସମସ୍ତେ ନିର୍ଭର କରୁଛନ୍ତି ଡଙ୍ଗା ଉପରେ ।ଗୋଟିଏ ଡଙ୍ଗାରେ ଯାତ୍ରା କରୁଛନ୍ତି ସାଇକଲ, ମଟର ସାଇକେଲ, ମଣିଷ, ଜିନିଷ ପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ । କୌଣସି ଡଙ୍ଗାରେ ଲାଇଫ ଜ୍ୟାକେଟ



ବ୍ୟବହାର କରାଯାଉନଥିବା କାରଣରୁ ଅତ୍ୟନ୍ତ ବିପଦଶଙ୍କୁଳ ଅବସ୍ଥାରେ ନଦୀପାର ହେଉଛନ୍ତି ଅଞ୍ଚଳବାସୀ । ପ୍ରକାଶ ଥାଉକି, ୨୦୧୩ରେ ଉକ୍ତ ସେତୁର ଶିଳାନ୍ୟାସ ହୋଇଥିଲା ଏବଂ ୧୬ ଜାନୁଆରୀ୨୦୧୪ରେ କାର୍ଯ୍ୟ ଆରମ୍ଭ ହୋଇ ୧୫ଜୁଲାଇ୨୦୧୬ ସୁଧା କାର୍ଯ୍ୟ ଶେଷ ହେବାକୁ ଥିଲା କିନ୍ତୁ ସଠିକ ସମୟରେ କାର୍ଯ୍ୟ ନ ସରିବାରୁ ୨୯ ନଭେମ୍ବର ୨୧ତାରିଖରେ ବିଜନ ପରିଡାଙ୍କ ନାମରେ ଟେଣ୍ଡର ହୋଇ ୨୮ ନଭେମ୍ବର ୨୨ ତାରିଖ ରେ ଶେଷ ହେବବୋଲି ସୂଚନା ଫଳକ ଲଗାଯାଇଥିଲା ତା ପରେ ବି ନିର୍ମାଣ କାର୍ଯ୍ୟ ନସରିବାରୁ ସେତୁ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ଟ୍ୱିଟର ବଏ ଅମୀୟ ବାରିକ ଓଡିଶା, ଜଳସେଚନ ବିଭାଗକୁ ଟ୍ୱିଟ କରିଥିଲେ । ବିଭାଗ ପକ୍ଷରୁ ମାର୍ଚ୍ଚ୨୦୨୩ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସୂଚନା ଦେଇଥିଲେ କିନ୍ତୁ ମାର୍ଚ୍ଚ ଯାଇ ୨୪ ମସିହା ଜାନୁଆରୀ ମାସ ହେଲାଣି କାର୍ଯ୍ୟ ସରିପାରିଲା ନାହିଁ । ଏହି ସମ୍ବନ୍ଧରେ ସ୍ଥାନୀୟ ସରପଞ୍ଚ ଦିପକ ପରିଡାଙ୍କୁ ପଚାରିବାରୁ ସେ କହିଲେ କାମ ଚାଲିଛି ମାସେ ଦୁଇ ମାସ ଭିତରେ ସରିଯିବ ବୋଲି କହିଛନ୍ତି । କିନ୍ତୁ ସେତୁର ଯେତିକି କାର୍ଯ୍ୟବାକି ଅଛି ଉକ୍ତ ସମୟ ଭିତରେ ସାରିବା ସମ୍ଭାବନା କମ ତେଣୁ ରାଜ୍ୟସରକାର ତୁରନ୍ତ ଏହି ସେତୁ ନିର୍ମାଣ କାର୍ଯ୍ୟରେ ହସ୍ତକ୍ଷେପ କରି ଯଥା ଶୀଘ୍ର କାର୍ଯ୍ୟ ଶେଷ କରାଇପାରିଲେ ଦ୍ୱିପାଞ୍ଚଳ ବାସୀ ବିପଦ ସଂକୁଳ ଅବସ୍ଥା ରେ ଡ଼ଙ୍ଗାରେ ଜାତାୟତ କରିବାରୁ ମୁକ୍ତି ପାଆନ୍ତେ ।

DSPL-523

ମିଶନ ଶକ୍ତି | ODISHA MILLETS MISSION | TDCC SERVES THE TRIBALS | ଆମ ଓଡ଼ିଶା ନବୀନ ଓଡ଼ିଶା

# ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ
# ଅବଧି ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୩-୨୪



- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ମାସରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧୫ ଜାନୁୟାରୀ ୨୦୨୪ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ ।

## ପଞ୍ଜିକରଣ ପ୍ରକ୍ରିୟା :

- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଯୋଗାଯୋଗ କରି ପୂର୍ବରୁ ପଞ୍ଜିକୃତ ତଥ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ ।
- ଚଳିତ ବର୍ଷ ଯେଉଁ ନୂତନ ଚାଷୀ ଏହି ପଞ୍ଜିକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥା କିମ୍ବା ନିକଟସ୍ଥ କୃଷି କାର୍ଯ୍ୟାଳୟରୁ ପଞ୍ଜିକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜିକରଣ ମଧ୍ୟ କରିପାରିବେ ।
- ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ।

## ପଞ୍ଜିକରଣ ଅବଧି :

- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ତଥା ଶେଷ ତାରିଖକୁ ଅପେକ୍ଷା ନ କରି ପ୍ରତ୍ୟେକ ମାଣ୍ଡିଆ ଚାଷୀ, ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଆବଶ୍ୟକୀୟ ଫର୍ମ ଦାଖଲ କରିବାକୁ ଅନୁରୋଧ ।
- ଖରିଫ ମାଣ୍ଡିଆ ବିକ୍ରୟ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ତାରିଖ ଉକ୍ତ ଫର୍ମରେ ଉଲ୍ଲେଖ କରିବାକୁ ହେବ ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜିକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ ।
- ଯେଉଁ ଜିଲ୍ଲା/ବ୍ଲକ ଗୁଡିକରେ ନୂତନ ଭାବରେ ମାଣ୍ଡିଆ ଚାଷ କରାଯାଇଛି, ଉକ୍ତ ଚାଷୀମାନେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ । ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ ।

## ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା ।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ତଥ୍ୟକୁ ଜାନୁୟାରୀ ମାସ ୧୫ତାରିଖ ମଧ୍ୟରେ loginରେ ଡିଜିଟାଇଜ କରିବା ସହ ପଞ୍ଜିକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା ।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରିବେ ।



## ଭାଗ ଚାଷୀ :

ଭାଗ ଚାଷୀମାନେ ମଧ୍ୟ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ ।

## କ୍ଷୁଦ୍ର ଓ ନାମମାତ୍ର ଚାଷୀ :

ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ।

₹ ୩୮୪୬/-
କୁଇଣ୍ଟାଲ ପ୍ରତି
(୨୦୨୩-୨୪ ଖରିଫ ଋତୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ)

OIPR-01034/13/0002/2324

For more details visit- www.milletsodisha.com | Follow us on Odisha Millets Mission

ସକାଳ
THE SAKALA



## କେଳେଙ୍କାରୀ ପାହାଡ଼ ଉପରେ ନୟାଗଡ଼ ଆଞ୍ଚଳିକ ପରିବହନ ବିଭାଗ

# ରେଡ୍‌କ୍ରସ୍ ନାଁରେ ଲକ୍ଷ ଲକ୍ଷ ଟଙ୍କା କାରବାର

ନୟାଗଡ, ୯।୧(ସମିସ): ନୟାଗଡ ଆଞ୍ଚଳିକ ପରିବହନ ବିଭାଗ କେଳେଙ୍କାରୀ ପାହାଡ଼ ଉପରେ ଠିଆ ହୋଇଛି। ଡ୍ରାଇଭିଂ ଲାଇସେନ୍ସଠାରୁ ଆରମ୍ଭ କରି ପରିମିଟ୍, ଓଭରଲୋଡିଂ ଭଳି ଅନେକ କ୍ଷେତ୍ରରେ ବେଆଇନ ଭାବେ କାରବାର କରାଯାଉଛି। ଦୀର୍ଘବର୍ଷ ଧରି ଚାଲିଥିବା ଏହି କେଳେଙ୍କାରୀ ଉପରେ କୌଣସି ପ୍ରଭାବ ପଡୁନାହିଁ। ୨୦୧୮ ମସିହାରେ ଏମଭିଆଇ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଭାକର ପାଣିଗ୍ରାହୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କଠାରୁ ନଗଦ ଟଙ୍କା ଜବତ କରାଯାଇଥିବା ବେଳେ ଭିଜିଲାନ୍ସ ଅନେକ ସମ୍ପତ୍ତି ଠାବ କରିଥିଲା। ଆଜି ପୁଣି ଆଞ୍ଚଳିକ ପରିବହନ ଏମଭିଆଇ ପଞ୍ଚାନନ ବେହେରାଙ୍କ ବାସଭବନ ସମେତ ଅନ୍ୟାନ ସ୍ଥାନରେ ଚଢ଼ଉ କରାଯାଇଛି। ନୟାଗଡ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଦୈନିକ ରେଡକ୍ରସ ନାଁରେ ଖୁଲମଖୁଲା ଟଙ୍କା ଆଦାୟ କରାଯାଉଛି। ଓଭରଲୋଡିଂ କରୁଥିବା ଗାଡ଼ି ଗୁଡ଼ିକଠାରୁ ମାସିକିଆ ଆଦାୟ କରାଯାଉଛି। ଘରୋଇ ବସ୍ ଗୁଡିକ ଯାତ୍ରୀଙ୍କୁ ଶୋଷଣ କରୁଥିବା ବେଳେ ଆଞ୍ଚଳିକ ପରିବହନ ଅଧିକାରୀ ଜାଣି ଅଜଣା ସାଜୁଛନ୍ତି। ନୟାଗଡ



କାର୍ଯ୍ୟାଳୟର ଜୈନିକ କିରାଣୀଙ୍କ ଜରିଆରେ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଟଙ୍କା ବେଆଇନ କାରବାର ହେଉଛି। ଏହି ଅର୍ଥକୁ ତଳୁ ତାଳିପା ଯାଏଁ ବଣ୍ଟା ଯାଉଥିବା ବେଳେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ସ୍ପଷ୍ଟ ବୁଝା ପଡୁଛି। ନୟାଗଡ ଜିଲ୍ଲାରେ ବର୍ଷକୁ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନୂଆ ଲାଇସେନ୍ସ ଆବେଦନ କାରୀ, ପରିମିଟ୍ ଆବେଦନକାରୀ ଏବଂ ଅନ୍ୟାନ ହିତାଧିକାରୀଙ୍କଠାରୁ ଆଦାୟ କରାଯାଉଛି। ବର୍ଷରୁ ମାତ୍ର ଅଳ୍ପ କିଛି ଟଙ୍କାର ରସିଦ୍ କଟା ଯାଇ ସବୁ ଅର୍ଥକୁ ଚଳୁ କରାଯାଉଛି। ଦୀର୍ଘଦିନ ଧରି ଚାଲିଥିବା ଏହି କାରବାର ଉପରେ ଲଗାମ ନଥିବା ବେଳେ ହଜାର ହଜାର ଲୋକ ଶୋଷଣର ଶୀକାର ପାଲଟୁଛନ୍ତି। ଆଜି ଭିଜିଲାନ୍ସ ଜାଲରେ ପଡିଥିବା ଏମ୍‌ଭିଆଇ ଅତ୍ୟାଧୁନିକ ଗାଡ଼ି ଚାଳନା ପରୀକ୍ଷଣ କେନ୍ଦ୍ରରେ ଅନେକ ବେଆଇନ କାର୍ଯ୍ୟ କରୁଥିବା ନେଇ ବିଗତ ଦିନରେ ସକାଳରେ ଖବର ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ନୟାଗଡ ଜିଲ୍ଲାରେ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ହାଇୱାରେ ବାଲି, ଗୋଡ଼ି ଓଭରଲୋଡିଂ ହୋଇ ବୁହା ଯାଉଥିବା ବେଳେ ଆଞ୍ଚଳିକ ପରିବହନ ଅଧିକାରୀ କେବେ ଆଖିଦୃଶିଆ ପଦକ୍ଷେପ ନେଇନଥିବା ଦେଖା

**■ ୨୦୨୪ରେ ୨୦୧୮ ର ପୁନରାବୃତ୍ତି**
**■ ଆରଟିଓରେ ବ୍ୟାପକ ଲାଞ୍ଚ କାରବାର**

ଯାଇନାହିଁ। ସରକାରଙ୍କ ଟାର୍ଗେଟ ସମୟରେ ଲୋକ ଦେଖାଣିଆ ଧରପଗଡ କରାଯାଉଥିବା ବେଳେ ଅନ୍ୟ ଦିନରେ ସବୁ ଭିତିରିଆ କାରବାର ଦ୍ୱାରା ଚାପି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ନୟାଗଡ ଜିଲ୍ଲାରେ କାର୍ଯ୍ୟରତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯିବା ସହ ଦୀର୍ଘଦିନ ଧରି ଡେପୁଟେସନରେ କାର୍ଯ୍ୟରତ କିରାଣୀଙ୍କୁ ମଧ୍ୟ ଉକ୍ତ ସ୍ଥାନରୁ ବଦଳି କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

**● ଅନ୍ଧବିଶ୍ୱାସ ଦୂରେଇବା ପାଇଁ ଅନନ୍ୟ ପରିକଳ୍ପନା**

## ମଶାଣିରେ ଚାଲିଛି ଭୋଜି ଭାତ



ନୟାଗଡ, ୯।୧(ସମିସ): ମଶାଣିରେ ଚାଲିଛି ଭୋଜି ଭାତ, ଅତି ଆନନ୍ଦରେ ଖାଉଛନ୍ତି ଗାଁ ଲୋକେ। ଅନ୍ଧବିଶ୍ୱାସକୁ ଦୂରେଇବା ପାଇଁ ଏପରି ଅନନ୍ୟ ପରିକଳ୍ପନା କରିଛନ୍ତି ନୟାଗଡ଼ ଇଟାମାଟି ମହାବୀର କ୍ଲବ ସଦସ୍ୟ। ନୟାଗଡ଼ ଜିଲ୍ଲା ଇଟାମାଟି ଗ୍ରାମର ଶ୍ମଶାନରେ ଦୀର୍ଘ ସାତବର୍ଷ ଧରି ଏପରି ଅନନ୍ୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଇଟାମାଟି ଗାଁର ଯୁବକମାନେ। ଆଗରୁ ଏହି ଶ୍ମଶାନଟି ଅନେକ ଅନାବନା ଗଛରେ ଭର୍ତ୍ତି ହୋଇଥିବାରୁ ସ୍ଥାନୀୟ ଲୋକମାନେ ହଇରାଣ ହେଉଥିବା ବେଳେ ଶ୍ମଶାନକୁ ଯିବାକୁ ଭୟ କରୁଥିଲେ। ସେହି ସମୟରେ ଇଟାମାଟିର ଅନେକ ଯୁବକ ଏକାଠି ହୋଇ ଶ୍ମଶାନକୁ ସଫାକରି ମା'ମଶାଣି ଚଣ୍ଡିଙ୍କ ମନ୍ଦିର ପ୍ରତିଷ୍ଠା କରି ପ୍ରତିବର୍ଷ ବାର୍ଷିକ ଉତ୍ସବ ପାଳନ କରୁଛନ୍ତି। ମଙ୍ଗଳବାର ମା'ମଶାଣିଚଣ୍ଡିଙ୍କର ବାର୍ଷିକୋତ୍ସବ ହେଉଥିବାରୁ ଏକ ବିରାଟ ଶିବ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏଥି ସହିତ ଭୋଜି ଭାତ, ନୃତ୍ୟ ଗୀତର ମଧ୍ୟ ଆୟୋଜନ କରାଯାଇଥିଲା। ମାନସ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ବିମଳ କୁମାର ନାୟକ, ରାକେଶ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ସୂଚନା ମିଳିଛି

**ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ**

## ମୁଖ୍ୟମନ୍ତ୍ରୀଙ୍କ ପାଇଁ କ୍ରୀଡ଼ା ଉତ୍ସବ ସମ୍ଭବ ହୋଇଛି

ଖଣ୍ଡପଡ଼ା, ୯ ।୧(ସମିସ): ଖଣ୍ଡପଡ଼ା ବ୍ଲକ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷା ଉପମା ବେହେରା, ଜିଲ୍ଲାପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ବିଡିଓ ଅଙ୍କୁର ଅଭିଳାଷ, ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ମିନତୀ ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ ଏହି କ୍ରୀଡ଼ା ଉତ୍ସବ ଦ୍ୱାରା ଗ୍ରାମାଞ୍ଚଳର ଯୁବ ଖେଳାଳିଙ୍କ ପ୍ରତିଭା ଚିହ୍ନଟ ହେବା ସହ ଶାରୀରିକ ସୁସ୍ଥ ରଖିବାରେ ସହାୟକ ହେବ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମସ୍ତ ଶ୍ରେୟ ଯିବ ବୋଲି ଉପାଧ୍ୟକ୍ଷ ଶ୍ରୀ ସାହୁ କହିଥିଲେ। ଏହି କ୍ରୀଡ଼ା ଉତ୍ସବରେ କ୍ରିକେଟ, ଫୁଟବଲ, କବାଡି, ଭଲିବଲ, ଖୋ ଖୋ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଖେଳକୁ ସୁଶାନ୍ତ ଦାସ ଓ ସମୀର ଖୁଣ୍ଟିଆ ପରିଚାଳନା କରିଥିବା ବେଳେ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋଡର୍ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବକୁ ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ ସଂଯୋଜନା କରିଥିବା ବେଳେ ବ୍ଲକ ଜିପିଓ ଅନିତ ବଡ଼ସେଟ, ଆଲୋକ ପ୍ରଧାନ, ସୁନୀଲ ନିସଙ୍କ, ଲକ୍ଷ୍ମୀଧର ଦାଶ, ଦୁଷ୍ମନ୍ତ ସାହୁ, କୁଳମଣି ପ୍ରଧାନ,




ସ୍ଥିତିକାନ୍ତ ପଣ୍ଡା, ଶ୍ରବଣ କୁମାର ଜେନା, ସନ୍ତୋଷ ତ୍ରିପାଠୀ, ତ୍ରିନାଥ ବରାଡ଼, ସୋମନାଥ ସ୍ୱାଇଁ, ହିମାଂଶୁ ନାୟକ, ମନୋଜ ପ୍ରଧାନ, ମନୋଜ କାଟିଆ, ରୋହିତ ସିଠ, ଏମ୍ବିକେ ଓ ସିଆରପିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଆୟୋଜିତ କବାଡି ପ୍ରତିଯୋଗିତାରେ ଅଁଳାପଟା ମା'କୁକୁଟାଶୁଣି କ୍ଲବ ବିଜୟୀ ହୋଇଥିବା ବେଳେ ସିଂଘାପଡ଼ା ରନର୍ସ ଅପ ହୋଇଥିଲା। ସେହିପରି ଖୋ-ଖୋ ପ୍ରତିଯୋଗିତାରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ବିଜୟୀ ହୋଇଥିବା ବେଳେ ଅଁଳାପଟା ମା' କୁକୁଟାଶୁଣି କ୍ଲବ ରନର୍ସ ଅପ ହୋଇଥିଲା। ଭଲିବଲ୍ ପ୍ରତିଯୋଗିତାରେ କଣ୍ଟିଲୋ ସ୍ପୋର୍ଟସ କ୍ଲବ ବିଜୟୀ ହୋଇଥିବା ବେଳେ କୋସକା କିଲରସ କ୍ଲବ୍ ରନର୍ସ ଅପହୋଇଛି। କ୍ରିକେଟ ପ୍ରତିଯୋଗିତାରେ ମର୍ଦ୍ଦରାଜପୁର ମହାବୀର କ୍ଲବ ବିଜୟୀ ହୋଇଥିବା ବେଳେ ଖଣ୍ଡପଡ଼ା ଗ୍ରୀନ ଗାଲାକ୍ସି ଟିମ ରନର୍ସ ଅପ ହୋଇଥିଲା। ସେହିପରି ଫୁଟୁବଲ ପ୍ରତିଯୋଗିତାରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ବିଜୟୀ ହୋଇଥିବା ବେଳେ ଖଣ୍ଡପଡ଼ା ଫୁଟୁବଲ ଟିମ ରନର୍ଶପ ହୋଇଥିଲେ। ସମସ୍ତ ବିଜୟୀ ଦଳକୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ ଆକାରରେ କପ, ସାର୍ଟିଫିକେଟ ଓ ଚେକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ମଧ୍ୟଖଣ୍ଡରେ ଫୁଟିଲା ଗୁଳି; ଦୁଇ ଗୋଷ୍ଠୀର ୪ ଗିରଫ

ଦଶପଲ୍ଲା, ୯।୧(ସମିସ) ଐତିହ୍ୟ ସମ୍ପନ୍ନ ତଥା ଦଶପଲ୍ଲା ରାଜନୀତିର ରାଜନୈତିକ ଏନ୍ତୁଡ଼ିଶାଳ କୁହା ଯାଉଥିବା ମଧ୍ୟଖଣ୍ଡ ନୂଆ ବର୍ଷ ଆରମ୍ଭରୁ ଅଶାନ୍ତ ହୋଇ ପଡ଼ିଛି। ସୋମବାର ମଧ୍ୟଖଣ୍ଡ ପଞ୍ଚାୟତର ବଡ଼ସାହିରେ ଦୁଇ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉତ୍ତେଜନା ଦେଖାଯାଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା । ଏହି ସମୟରେ ଗୋଟିଏ ଗୋଷ୍ଠୀର ୨ ଜଣ ଯୁବକ ଫାଙ୍କା ଗୁଳି ଚାଳନା କରିଥିଲେ। ଏହାକୁ କେନ୍ଦ୍ରକରି ଗ୍ରାମରେ ଉତ୍ତେଜନା ଜାରୀ ରହିଥିବା ବେଳେ ଦଶପଲ୍ଲା ପୁଲିସ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଶାନ୍ତି ବଜାୟ ରଖିବାରେ ସଫଳ ହୋଇଛି। ଉଭୟ ଗୋଷ୍ଠୀର ୪ ଜଣକୁ ଦଶପଲ୍ଲା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ଯାଇଛି। ଗିରଫ ଯୁବକମାନେ ହେଲେ ଚିନ୍ମୟ ପ୍ରଧାନ,ଦୀପକ ପ୍ରଧାନ, ରାଜା ମଲ୍ଲିକ ଓ ଶିତୁ ଦଳେଇ। ଦଶପଲ୍ଲା ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରି ମଧ୍ୟଖଣ୍ଡରେ ଶାନ୍ତି ବଜାୟ ନିମନ୍ତେ ତତ୍ପର ଥିବା ନେଇ ଥାନା ଅଧିକାରୀ ମୁକେଶ ବେହେରାଙ୍କୁ ସବୁ ମହଲରୁ ପ୍ରଶଂସା କରାଯାଉଛି।

**● ପୂର୍ବ ଖାଦ୍ୟ ସାରଣୀକୁ କାଏମ ରଖ**

## ଅଙ୍ଗନବାଡ଼ି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବି



ନୟାଗଡ, ୯।୧(ସମିସ): ଅଙ୍ଗନବାଡି କେନ୍ଦ୍ରରେ ସରକାର ଜାରୀ କରିଥିବା ନୂଆ ଖାଦ୍ୟ ସାରଣୀକୁ ବିରୋଧ କରି ଆଜି ନିଖିଳ ଓଡିଶା ଅଙ୍ଗନବାଡି ସଂଘ ଓ ଓଡିଶା ଅଙ୍ଗନବାଡି ସଂଘ ତରଫରୁ ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଅର୍ଚ୍ଚନା କଅଁରଙ୍କୁ ଭେଟି ପୃଥକ ଭାବେ ଦୁଇଟି ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ପୂର୍ବ ସାରଣୀ ଅନୁଯାୟୀ ଅଣ୍ଡା ବାବଦରେ ୫ ଟଙ୍କା ଦେଉଥିଲା ବେଳେ ବର୍ତ୍ତମାନ ବର୍ଦ୍ଧିତ ଦର ବଜାରରେ ଅଣ୍ଡା ପିଛା ୮ ଟଙ୍କା ହୋଇଛି। ଠିକ ସେତିକି ବେଳେ ଅନୁଦାନ ବୃଦ୍ଧି ନକରି ସପ୍ତାହର ତିନିଦିନ ପରିବର୍ତ୍ତେ ପ୍ରତିଦିନ ଅଣ୍ଡା ଖାଦ୍ୟ ଦେବାକୁ ଓ ଗର୍ଭବତୀ, ପ୍ରସୂତି ଓ ୩ ବର୍ଷ ଶିଶୁ ହିତାଧିକାରୀଙ୍କୁ ୬୦ ଟଙ୍କାରେ ୧୨ଟି ଅଣ୍ଡା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଫଳରେ ଅଙ୍ଗନବାଡି କର୍ମୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏଭଳି ନିର୍ଦ୍ଦେଶ ନାମା କାର୍ଯ୍ୟକାରୀ କରିବାକୁ ସରକାର ଅଣ୍ଡା ପିଛା ୫ ଟଙ୍କା ପରିବର୍ତ୍ତେ ୮ ଟଙ୍କା ଦର ବୃଦ୍ଧି କରି ଗର୍ଭବତୀ, ପ୍ରସୂତି ଓ ୩ ବର୍ଷ ଶିଶୁ ହିତାଧିକାରିଣୀଙ୍କ ପାଇଁ ୧୨ ଟି ଅଣ୍ଡାକୁ ୯୬ ଟଙ୍କା ଦିଅନ୍ତୁ ନଚେତ ପୂର୍ବ ଖାଦ୍ୟ ସାରେଣୀକୁ ହିଁ କାର୍ଯ୍ୟକାରୀ କରନ୍ତୁ ବୋଲି ସଂଘ ତରଫରୁ ଦାବୀ କରାଯାଇଛି। ସରକାର ଏଥିପ୍ରତି ଟାଳଟୁଳ ନୀତି ନେଲେ ସଂଘ ତରଫରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଗଣମାଧ୍ୟମ ଜରିଆରେ ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ସଂଗଠନ ଗୁଡ଼ିକର ରାଜ୍ୟ ଓ ଜିଲ୍ଲା ଶ୍ରମିକ ନେତା ମନୋଜ ପାତ୍ର, ସୁରେଶ ସ୍ୱାଇଁ, ସଂଯୁକ୍ତା ସେଠୀ, ବ୍ଲକ ସଭାନେତ୍ରୀ ରମ୍ଭାବତୀ ପ୍ରଧାନ, ସମ୍ପାଦିକା ପୁଷ୍ପାଞ୍ଜଳି ସାହୁ, ଭାନୁମତି ରାଉତରାୟ, ରଶ୍ମିପ୍ରଭା ଦେଇ, ମାନିନୀ ଦାସ, ଝୁନା ସାହୁ ଓ ଶ୍ୱେତା ପଦ୍ମା ଦାସ ପ୍ରମୁଖ ସାମିଲ ଥିଲେ।

## ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ



ଓଡ଼ଗାଁ, ୯ ।୧(ସମିସ): ନୟାଗଡ଼ ବ୍ଲକରୋଡ କଲ୍ୟାଣ ମଣ୍ଡପ ଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ୨ଦିନିଆ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ନୟାଗଡ଼ ଜିଲ୍ଲାର ନୟାଗଡ଼, ଇଟାମାଟି, ଦଶପଲ୍ଲା, ଶରଣକୁଳ, କଇଥ ଗାଡିଆ, ରଣପୁର, ମହିପୁର, ଓଡ଼ଗାଁକୁ ମିଶାଇ ୧୬ଟି ଦଳ ମଧ୍ୟରେ ଜିଲ୍ଲା ସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଶେଷଦଳ ଭାବେ କଇଥ ଗାଡିଆ ଏବଂ ଶରଣକୁଳ ଫାଇନାଲରେ ପ୍ରବେଶ କରିଥିବା ବେଳେ କଇଥ ଗାଡ଼ିଆ ୨୧-୧୯ ରେ ଚମ୍ପିଅନ ଆଖ୍ୟା ହାସଲ କରିଥିଲେ। ତେବେ ବୁଧବାର ଦିନ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର, କଟକ ଅନୁଗୁଳ, ରାଉରକେଲା, ସୋନପୁର , କୋରାପୁଟ, ବଲାଙ୍ଗୀର, ଖୋର୍ଦ୍ଧା, ଢେଙ୍କାନାଳ, ନୟାଗଡ଼ ଜିଲ୍ଲାରୁ ୧୮ ଟି ଦଳ ଭାଗ ନେବେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ପରିଷଦସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଦୁଃଶାସନ ସ୍ୱାଇଁ, ସହକାରୀ ଯନ୍ତ୍ରୀ ସୁଧାଂଶୁ ବେହେରା, ଓଡ଼ଗାଁ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ସହିତ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ।

**ସର୍ବଭାରତୀୟ ନୟାଗଡ଼ ଫୁଟବଲ କପ୍**

## ହାଇଦରାବାଦ ୪-୩ ଗୋଲରେ ବିଜୟୀ

ନୟାଗଡ, ୯।୧(ସମିସ): ନୟାଗଡ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ନୟାଗଡ କପ୍ ମଙ୍ଗଳବାର ତୃତୀୟ ଦିନରେ ଆର୍ଟିଲେରୀ ସେଣ୍ଟର ହାଇଦ୍ରାବାଦ ବନାମ ୟୁନାଇଟେଡ କ୍ଲବ ବରଗଡ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମାର୍ଦ୍ଧରେ ୟୁନାଇଟେଡ କ୍ଲବ ବରଗଡ ହାଇଦ୍ରାବାଦକୁ ୧ ଗୋଲ ଦେଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଶେଷ ହେବାର ୧ ମିନିଟ ପୂର୍ବରୁ ହାଇଦ୍ରାବାଦ ଗୋଲ ଦେଇ ସମାନ ସ୍ଥିତିକୁ ଚାଲି ଆସିଥିଲା। ଏହା ପରେ ଟ୍ରାଇବେକର ସହାୟତା ନିଆଯାଇଥିଲା। ଟ୍ରାଇବେକର ଦ୍ୱାରା ହାଇଦ୍ରାବାଦ ଟିମ୍ ୪-୩ ଗୋଲରେ ବିଜୟ ଲାଭ କରିଥିଲା। ଆଜିର ମ୍ୟାଚ୍ ବହୁ ସଂଘର୍ଷପୂର୍ଣ୍ଣ ଥିଲା। ମୁଖ୍ୟ ଅତିଥି ଭାବେ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ ପୌରାଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବିନ୍ଦ୍ର ନାଥ ସାହୁ, ନୟାଗଡ ଜିଲ୍ଲା ବଜୁ ଛାତ୍ର ଜନତା ଦଳ ସଭାପତି ନୀଳମାଧବ ପଣ୍ଡା, ସମାଜସେବୀ ତାପସ ରଞ୍ଜନ ପାଢୀ, ସମାଜସେବୀ ପ୍ରଦୋଷ କୁମାର ଜେନା, ବାଲେଶ୍ୱରର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାସ, ନୟାଗଡ ଜିଲ୍ଲା ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାଳତୀ ଗୁରୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜିର ଖେଳକୁ ପରିଚାଳନା କରିଥିଲେ



ରେଫରୀ ଆଶୀର୍ବାଦ କାନୁନ୍‌ଗୋ, ଶଶିକାନ୍ତ ଦାଶିଆ, ଦେବରାଜ ସ୍ୱାଇଁ ଓ ପ୍ରଶନ୍ନ ନାୟକ। ମ୍ୟାଚର କମିଶନର ହୋଇଥିଲେ କୋଚ ଆଲୋକ କୁମାର ଦାସ। ଆଜିର ଖେଳକୁ ସଞ୍ଚାଳନ କରିଥିଲେ ସେକ୍ ଅବଦୁଲ୍ ଖାଲିକ ଓ ଆଶୁତୋଷ ମିଶ୍ର। ଆସନ୍ତାକାଲି(ବୁଧବାର) ସୀମା ସଶକ୍ତ ବଳ ସିଲିଗୁଡି କଲିକତା ବନାମ ସାଇ ହାଲ ସୁନାବେଡ଼ା ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

**● ଆଜି ଠାରୁ ଭାପୁର ମହୋତ୍ସବ**

## ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବେ

ଭାପୁର, ୯ ।୧(ସମିସ) ନୟାଗଡ଼ ଜିଲ୍ଲାର ଅନ୍ୟତମ ବୃହତ୍ତମ ମହୋତ୍ସବର ମାନ୍ୟତା ପାଇଥିବା ଭାପୁର ମହୋତ୍ସବ ବୁଧବାର ଦିନ ଠାରୁ ଆରମ୍ଭ ହେବାକୁ ଯାଉଛି। ଏହାକୁ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଅପରାହ୍ଣ ୫ଟା ସମୟରେ ଉଦ୍‌ଘାଟନ କରିବେ। ମୋ ମାଟି ଭାପୁର ତରଫରୁ ଆୟୋଜିତ ହେଉଥିବା ଏହି ମହୋତ୍ସବ ର ପ୍ରଥମ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିବେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ,ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଓ ଭାପୁର ମହୋତ୍ସବର ଉପଦେଷ୍ଟା ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ, 'ସକାଳ'ର ପ୍ରକାଶକ ଅମିତ ମଲ୍ଲିକ ଓ ମୋ ମାଟି ଭାପୁର ଅନୁଷ୍ଠାନର ସଭାପତି ତଥା ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ। ସନ୍ଧ୍ୟାରେ ଗାୟିକା ଦୀପ୍ତି ରେଖା ପାଢ଼ୀ ଦର୍ଶକଙ୍କୁ ମତୁଆଲା କରିବେ। ଆୟୋଜକ କମିଟି ଓ ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଥିବା ଜଣାପଡିଛି।

## ଭାପୁର ମହାବିଦ୍ୟାଳୟରେ 'ନୂଆ-ଓ' ଉଦ୍‌ଯାପିତ



ଭାପୁର, ୯ ।୧(ସମିସ):ନୟାଗଡ଼ ଜିଲ୍ଲା ଭାପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା'ରେ ଚାଲିଥିବା କ୍ରିଡ଼ା ଓ ଅନ୍ୟ ସମସ୍ତ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି ।ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ କ୍ରିଡ଼ା, ନୃତ୍ୟ, ସଙ୍ଗୀତ, ଡିବେଟ ଓ ଅନ୍ୟ ପ୍ରତିଯୋଗିତାରେ ଭାଗ ନେଇ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିଥିଲେ ।ବାଳିକା ସାଂସ୍କୃତିକ ଚାମ୍ପିୟାନ କ୍ରିଷ୍ଣା ପ୍ରଧାନ, ବାଳିକା କ୍ରିଡା ଚାମ୍ପିୟାନ ରଚିତା ଲେଙ୍କା ଓ ବାଳକ କ୍ରିଡା ଚାମ୍ପିୟାନ ଭାବେ ଶିବପ୍ରସାଦ ଲେଙ୍କା ବିବେଚିତ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ଗଗନ ବିହାରୀ ତ୍ରିପାଠୀ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ବିଜେଡି ବ୍ଲକ ସଭାପତି ଶିବପ୍ରସାଦ ଷଡଙ୍ଗୀ, ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଅଧ୍ୟାପକ ପଦ୍ମଚରଣ ଭୋଳ,ଅଧ୍ୟାପକ ପ୍ରଶାନ୍ତ କୁମାର ମିଶ୍ର, ସାମ୍ବାଦିକ ଗୀତିକାନ୍ତ ପଣ୍ଡା, ଜନ୍ମେଜୟ ଦଳେଇ ଓ ପ୍ରଭାତ କୁମାର ବରାଡ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ କରିଥିଲେ।

**ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ**

## ଜାତୀୟ ରାଜପଥ ଅବରୋଧ କଲେ ପରିବାର

ନୟାଗଡ, ୯।୧(ସମିସ): ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସେବା ମିଳିବା କାଠିକର ପାଠ ହୋଇଥିବା ବେଳେ ବାରମ୍ବାର ଜୀବନହାନୀ ଘଟୁଛି। ସାମାନ୍ୟରୋଗୀକୁ ଭୁବନେଶ୍ୱର କିମ୍ବା କଟକ ସ୍ଥାନାନ୍ତରିତ କରାଯାଉଛି। ଦାୟିତ୍ୱରେ ଥିବା ଡାକ୍ତର ରୋଗୀଙ୍କୁ ସେବା ଦେବା ବଦଳରେ ହେୟଜ୍ଞାନ ମନେ କରୁଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଆଜି ଦେଖିବାକୁ ମିଳିଛି। ଜଣେ ଜ୍ୱର ରୋଗୀକୁ ସଠିକ ଭାବେ ଚିକିତ୍ସା ଯୋଗାଇ ଦିଆନଯିବାରୁ ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଓ ଗ୍ରାମବାସୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଆଗରେ ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ସୂଚନାନୁସାରେ, ମଙ୍ଗଳବାର ନୟାଗଡ ସଦରବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଯଦୁପୁର ଗ୍ରାମର ବିଚ୍ଛେଦ ନାୟକଙ୍କ ପୁଅ ରାଜକିଶୋର ନାୟକ(୩୦)ଙ୍କୁ ଚିକିତ୍ସା ପାଇଁ ଅପରାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଥିଲା। ଡାକ୍ତର ତାଙ୍କୁ ଦେଖିବା ପରେ ୱାର୍ଡରେ ଆଡିମିଶନ କରାଯାଇଥିଲା। ହଠାତ୍ ସେ ଗୁରୁତର ହୋଇପଡିବା ସହ ଅଚେତ



ହୋଇଯାଇଥିଲେ। ଡାକ୍ତର ତାଙ୍କୁ ଦେଖି ମୃତ ଘୋଷଣା କରିଥିଲେ। ଚିକିତ୍ସାରେ ଅବହେଳା କରାଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ରାଜକିଶୋରଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ ଡାକ୍ତରଖାନା ପରିସରରେ ହୋହାଲ୍ଲା ହୋଇଥିବା ବେଳେ ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କ ଶବକୁ ଜାତୀୟ ରାଜପଥ ଉପରେ ରଖି ରାସ୍ତାରୋକ କରିଥିଲେ। ଖବରପାଇ ଟାଉନଥାନା ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରାସ୍ତାରୋକ ହଟାଇଥିବା ଦେଖାଯାଇଛି।

# ଛୁରାମାଡ଼ରେ ପ୍ରେମିକା ଗୁରୁତର; ପ୍ରେମିକ ଅଟକ

ଖୋର୍ଦ୍ଧା, ୯।୧(ସମିସ)

ପ୍ରେମିକର ଛୁରାମାଡରେ ପ୍ରେମିକା ଗୁରୁତର। ଏଭଳି ଅଭାବନୀୟ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବରୁଣେଇରେ ଘଟଣା ଘଟିଛି। ଯୁବତୀ ଜଣଙ୍କ ଯାଜପୁର ଅଞ୍ଚଳର ନିବେଦିତା ରାୟ (୨୮)। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍‌ସ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ପ୍ରେମିକ ହେଲେ ଜଟଣୀ ବାଛେରା ଅଞ୍ଚଳର ଏସକେ. କୁତୁବୁଦ୍ଦିନ।



ମିଳିଥିବା ସୂଚନା ପ୍ରକାରେ ନିବେଦିତା ତମାଣ୍ଡୋର ଏକ ଗାଡି ସୋରୁମରେ କାର୍ଯ୍ୟ କରୁଛନ୍ତି। ସମ୍ପୃକ୍ତ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ମଙ୍ଗଳବାର ଦିନ ଉଭୟ ବରୁଣେଇ ବୁଲିବାକୁ ଆସିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ କୁତବୁଦ୍ଦିନ ଯୁବତୀ ପେଟକୁ ଛୁରାମାଡ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଁଞ୍ଚି ପୁଲିସକୁ ଖବର ଦେଇଥିଲେ। ଶିଳ୍ପାଞ୍ଚଳ ପୁଲିସ ପହଁଞ୍ଚି ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ଏଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଅନ୍ୟପକ୍ଷରେ ଘଟଣାକୁ ଗୁରୁତର ସହ ପୁଲିସ ନେଇଛି। ଏସପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦିଲିପ ଦାସଙ୍କ ନେତୃତ୍ୱରେ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢଉ କରିଥିବା ବେଳେ ସନ୍ଧ୍ୟାରେ ପୁଲିସ ଅଭିଯୁକ୍ତ ଯୁବକକୁ ଗୋପ ଅଞ୍ଚଳରୁ ଧରି ଅଟକ ରଖି ଥାନାରେ ପଚରାଉଚରା କରୁଥିବା ସୂଚନା ମିଳିଛି।

## ଖୋର୍ଦ୍ଧା ଜିଲ୍ଲା ଆନ୍ତଃ ବିଦ୍ୟାଳୟ କ୍ରିକେଟ ପାଇଁ ପଞ୍ଜୀକରଣ

**ଖୋର୍ଦ୍ଧା, ୯।୧(ସମିସ):** ଖୋର୍ଦ୍ଧା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରଥମ ଥର ପାଇଁ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି ପରିପେକ୍ଷୀରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ବିଦ୍ୟାଳୟମାନଙ୍କୁ ନେଇ ଅନ୍ତଃ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଆୟୋଜନ କରିବାକୁ ଜିଲ୍ଲା ସଂଘ ସ୍ଥିର କରିଛି। ପ୍ରତିଯୋଗିତାରେ କେବଳ ସପ୍ତମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇପାରିବେ। ଇଚ୍ଛୁକ ବିଦ୍ୟାଳୟ ଗୁଡିକ ତାଙ୍କର ଛାତ୍ରଛାତ୍ରୀଙ୍କ ତାଲିକା ପ୍ରସ୍ତୁତ କରି ଆସନ୍ତା ୧୭ତାରିଖ ମଧ୍ୟରେ ସେମାନଙ୍କର ନାମ ଖୋର୍ଦ୍ଧା ବିଜେବି ହାଇସ୍କୁଲ ନିକଟ ମିନି ଷ୍ଟାଡିୟମ ଠାରେ ଥିବା ସ୍ପୋର୍ଟ୍ସ ଅଫିସରେ ପଞ୍ଜିକୃତ କରିବେ ବୋଲି ସଂଘ ପକ୍ଷରୁ ପ୍ରେସ ବିବୃତିରେ କୁହାଯାଇଛି।

# ଅଚ୍ୟୁତପୁର ପଞ୍ଚାୟତରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ



**ନିରାକାରପୁର, ୯ ।୧(ସମିସ):** ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଚ୍ୟୁତପୁର ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅର୍ପଣ ରଥ ପରିକ୍ରମା କରିଛି।ଏହି ଜଗନ୍ନାଥ ରଥକୁ ଅଚ୍ୟୁତପୁର ପଞ୍ଚାୟତ ସରପଞ୍ଚ ସୋନାଲି ମହାପାତ୍ର,ପିଇଓ ସାରଥ ଚରଣ ପାଇକରାୟ, ଜିଆରଏସ ସ୍ୱୟଂବ୍ରତ ଶ୍ରୀଚନ୍ଦନ, ଯୋଗାଣ ସହାୟକ କାଳୁ ଚରଣ ବେହେରା, ସମିତି ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସିଂହ, କର୍ମଚାରୀ ବ୍ରହ୍ମଚାରୀ ପ୍ରଧାନ ଓ ୱାର୍ଡ ସଭ୍ୟ ରାଉଳ ରାଉତ, ଶ୍ୟାମ ସୁନ୍ଦର ସାମନ୍ତରାୟ, ଯଜ୍ଞସିନି ପରିଡ଼ା, ହରି ବେହେରା, କେଶବ ରାଉଳ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କୈଳାସ ସେଠୀ, ଟଙ୍କଧର ମହାପାତ୍ର,ସୁରଥ ସିଂ, କାମଦେବ ପ୍ରଧାନ, ମଧୁସୂଦନ ପାତ୍ର, ଶିବ ପ୍ରଧାନ ଓ ଗୋଲଖ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅଚ୍ୟୁତପୁର ପଞ୍ଚାୟତରେ ପରିକ୍ରମା କରି ପ୍ରତ୍ୟେକ ଗୃହରୁ ଭକ୍ତମାନଙ୍କ ଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲା। ଏହି ପରିକ୍ରମା ରଥ ସହିତ ଉତ୍ସାହୀ ଗ୍ରାମବାସୀ ଓ ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ।

# ଶ୍ରମିକଙ୍କ ଥାଇଥାନ ଦାବିରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ



**ଖୋର୍ଦ୍ଧା, ୯।୧(ସମିସ):** ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟ ରତ ଥିବା ଶ୍ରମିକମାନଙ୍କୁ କମ୍ପାନୀମାନେ ନିର୍ଯାତନା ଦେବା ସହିତ ମନଇଚ୍ଛା ଚାକିରିରୁ ବାହାର କରିଦେବା, ସଠିକ ସମୟରେ ପାରିଶ୍ରମିକ ନଦେବା ଏବଂ ଶ୍ରମିକଙ୍କ ସୁରକ୍ଷା ଦାବିରେ ସିଆଇଟିୟୁ ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ଏହି ଶୋଭାଯାତ୍ରା ଖୋର୍ଦ୍ଧା ଶିଳ୍ପାଞ୍ଚଳରୁ ବାହାରି ଖୋର୍ଦ୍ଧା ସହର ମଧ ଦେଇ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥିଲା। ସୂଚନା ଅନୁସାରେ, ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ଗୁପ୍ତା କେବୁଲ କମ୍ପାନୀ ମଧ୍ୟରେ ଏକ ହଜାରରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିବା ବେଳେ ଏହି ଶ୍ରମିକମାନେ ଗୁପ୍ତା ପାୱାର କମ୍ପାନୀରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ଏହି କମ୍ପାନୀରେ କେବଳ ଖୋର୍ଦ୍ଧା ଜିଲ୍ଲାର ଶ୍ରମିକମାନେ କାମ କରୁଛନ୍ତି ତାହା ନୁଁହ ବରଂ ବିଭିନ୍ନ ଜିଲ୍ଲାର ଶ୍ରମିକମାନେ ଏହି କମ୍ପାନୀରେ କାର୍ଯ୍ୟ କରି ଆସୁଛନ୍ତି। କମ୍ପାନୀ ମାଲିକ ଶ୍ରମିକମାନଙ୍କୁ ସମାନ ଭାବରେ ପାରିଶ୍ରମିକ ପ୍ରଦାନ କରୁନଥିବା ମାସମାସ ଧରି ପାରିଶ୍ରମିକ ବକେୟା ରଖିବା ଏବଂ ଶ୍ରମିକଙ୍କୁ ମନଇଚ୍ଛା କମ୍ପନୀରୁ ଛଟେଇ କରିବା ଭଳି ଅନେକ ଅଭିଯୋଗ ଶ୍ରମିକମାନେ ଆଣିଛନ୍ତି। ଏନେଇ ଶ୍ରମିକମାନେ ଗତ ଜାନୁଆରୀ ୨ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ସହିତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଜି ପର୍ଯ୍ୟନ୍ତ ଶ୍ରମ ବିଭାଗ ଶ୍ରମିକ ମାନଙ୍କ ସୁରକ୍ଷା ଉପରେ କୌଣସି ପଦକ୍ଷେପ ନେଇନଥିବାରୁ ପୁଣି ମଙ୍ଗଳବାର ଦିନ ଶ୍ରମିକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିବା କହିଛନ୍ତି।

● ହାଟବସ୍ତ ମା'ଯୋଗମାୟା ଫୁଟବଲ ଟୁର୍ଣ୍ଣାମେଣ୍ଟ:

# ଫାଇନାଲରେ ଘାଟିକିଆ ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ

**ବୋଲଗଡ଼, ୯।୧(ସମିସ):** ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ହାଟବସ୍ତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମା'ଯୋଗମାୟା ଫୁଟବଲ ଆସୋସିଏସନ ଆନୁକୂଲ୍ୟରେରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ହୋଇଥିଲା। କେରଙ୍ଗର ଅହମ୍ମଦିଆ ଫୁଟବଲ ଟିମ୍‌କୁ ଟାଇବ୍ରେକର ୪-୨ ଗୋଲ ବ୍ୟବଧାନରେ ହରାଇ ଘାଟିକିଆ ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ ଫୁଟବଲ ଟିମ୍ ଫାଇନାଲରେ ପ୍ରବେଶ କରିଛି। ଘାଟିକିଆର ବଜରଙ୍ଗୀ ଟିମ ପକ୍ଷରୁ ଖେଳର ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ ସ୍କୋର ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ କେରଙ୍ଗ ଟିମ୍ ପକ୍ଷରୁ ଗୋଟିଏ ଗୋଲ ହେବା ଫଳରେ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଉଭୟ ଟିମ୍ ବରାବର ସ୍ଥିତିରେ ରହିଥିଲେ । ଫଳରେ ଟାଇବ୍ରେକର ସହାୟତାରେ ଘାଟିକିଆ ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ ୪-୨ ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ରେଫରୀ ଭାବେ ଏମ୍‌ଏସ ବେଗ ଖେଳ ପରିଚାଳନା ଓ ରବିନାରାୟଣ ରଣା ଏବଂ ମନୋରଞ୍ଜନ ମିଶ୍ର ଲାଇନ୍‌ସରେ ସହାୟତା କରିଥିଲେ। ଅତିଥିଭାବେ ବ୍ଲକ ଯୁବ ବିଜେଡି ସଭାପତି ରବୀନ୍ଦ୍ର ନାଥ ସୁବୁଦ୍ଧି, ବାଙ୍କୋଇଦେଶ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଜୟକୃଷ୍ଣ ଫତେସିଂହ, ସମାଜସେବୀ ଜୟକୃଷ୍ଣ ପରିଡା ଏବଂ କେଶବ ଚନ୍ଦ୍ର ସାହୁ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ସିଗ୍‌ମା ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ 'ସ୍ପନ୍ଦନ'



**ଖୋର୍ଦ୍ଧା, ୯।୧(ସମିସ):** ସ୍ଥାନୀୟ ବିଡିଏ କଲୋନୀ ସ୍ଥିତ ସିଗମା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସ୍ପନ୍ଦନ -୨୦୨୪ ଜୟୀ ରାଜଗୁରୁ ଟାଉନ ହଲରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଂଜନ ସାମନ୍ତରାୟଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ, ଏବଂ ସମ୍ମାନିତ ଅତିଥି ଭାବେ ପୌରଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀ ଆଦ୍ୟାସା ଶତପଥୀ, ଶୁଭଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ଦିବ୍ୟ ଚିରନ୍ତନି ପଣ୍ଡା ଗତ ବୋର୍ଡ ପରୀକ୍ଷାରେ ଶତକଡା ୯୬ପ୍ରତିଶତ ନମ୍ବର ରଖି ସ୍କୁଲ ପାଇଁ ଗୌରବ ଆଣି ଦେଇଥିବାରୁ ସମ୍ବର୍ଦ୍ଧିତ ହୋଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ମାନସ ରଞ୍ଜନ ମହାପାତ୍ର, ତୁଷାର ରଂଜନ ମହାନ୍ତି, ସୌମ୍ୟ ଲାଗ୍ନା ମହାନ୍ତି, ସନ୍ଧ୍ୟାରଣି ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ବିରଞ୍ଚି ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ଓ ବସନ୍ତ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

ଆଜି '୫-ଟି'ଅଧ୍ୟକ୍ଷଙ୍କ ବାଣପୁର ଗସ୍ତ

# ପ୍ରସ୍ତୁତି ତଦାରଖ କଲେ ଏସ୍‌ପି

**ବାଣପୁର, ୯ ।୧(ସମିସ):**ଖୋର୍ଦ୍ଧା ଜିଲ୍ଲା ବାଣପୁର ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କର୍ଯ୍ୟର ତଦାରଖ ନିମନ୍ତେ '୫-ଟି ତଥା ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ୧୦ ତାରିଖ (ବୁଧବାର) ଦିନ ୧୨ ଘଟିକା ସମୟରେ ଖୋର୍ଦ୍ଧା ଜିଲ୍ଲା ଚିଲିକା ନିର୍ବାଚନ ମଣ୍ଡଳୀ ଗସ୍ତ କାର୍ଯ୍ୟକ୍ରମ ରହିଛି। ଶ୍ରୀ ପାଣ୍ଡିଆନ ବାଣପୁର ବ୍ଲକ ପଲଟନ୍ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। '୫-ଟି' ଅଧ୍ୟକ୍ଷଙ୍କ ଗସ୍ତକୁ ନେଇ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଚଳଚଞ୍ଚଳ ହୋଇଉଠିଛି। ଏସ୍‌ପି ସିଦ୍ଧାର୍ଥ କଟାରୀୟା ବାଣପୁର ପଲଟନ୍ ପଡ଼ିଆରେ ଆୟୋଜିତ ସଭାସ୍ଥଳ ତଦାରଖ କରିବା ସହ ବିଜୁ ଜନତା ଦଳର



ବିଭିନ୍ନ ନେତୃବୃନ୍ଦଙ୍କ ସହିତ ସୁବନ୍ଦୋବସ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି। ବାଲୁଗାଁ ଏସ୍‌ଡିପିଓ, ବାଣପୁର, ବାଲୁଗାଁ ଥାନା ଅଧିକାରୀଙ୍କ ସମସ୍ତ ବ୍ୟବସ୍ଥାର ତଦାରଖ କରୁଥିବା ବେଳେ ଚିଲିକା ପର୍ଯ୍ୟବେକ୍ଷକ ରାଜା ଚକ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ମାନସ ପ୍ରଧାନ, ପ୍ରକାଶ ପ୍ରଧାନ, ମନୋଜ ପ୍ରଧାନ, ସନ୍ତୋଷ ଜାଲି, ମୁନା ସେଣ, ପ୍ରଭାସ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ରହି ପ୍ରସ୍ତୁତିର ତଦାରଖ କରୁଛନ୍ତି।

# ଜଳଯୋଗାଣ ପ୍ରକଳ୍ପ ଅନ୍ୟତ୍ର କରିବାକୁ ଦାବି

**ଖୋର୍ଦ୍ଧା, ୯।୧(ସମିସ):** ବାଲିପାଟଣା ବ୍ଲକ ଅଧୀନ ପଦ୍ମପୁରରେ ହେବାକୁ ଥିବା ମେଗା ଜଳ ଯୋଗାଣ ପ୍ରକଳ୍ପକୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ସ୍ଥାନୀୟ ଲୋକ ଜିଲ୍ଲାପାଳଙ୍କୁ ଭେଟି ଅନୁରୋଧ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଜନବସତି ମଧ୍ୟରେ ଯେଉଁ ସରକାରୀ ଜମି ଖଣ୍ଡେ ରହିଛି ସେଇ ସ୍ଥାନରେ ପଞ୍ଚାୟତର ଗାଈଗୋରୁ ଚାରା ବୁଲା କରୁଥିବା ବେଳେ ଗାଁର ପିଲା ଓ ଯୁବକମାନେ ଖେଳକୁଦ କରିବା ସହିତ ଗ୍ରାମର ବିଭିନ୍ନ ମେଳା ମଉସ୍ତବ ଏହି ସ୍ଥାନରେ ହେଉଥିବା ଗ୍ରାମବାସୀ କହିଛନ୍ତି। ଏହି ଜମି ବ୍ୟତୀତ ଅନ୍ୟ ସ୍ଥାନରେ ସରକାରଙ୍କ ମେଗା ଜଳପ୍ରକଳ୍ପ କାର୍ଯ୍ୟ ହେଲେ ଗ୍ରାମବାସୀ ଏହାକୁ ସ୍ୱାଗତ କରୁଥିବା କହିଛନ୍ତି। ଏଥିସହ ଏହି ଜମି ନିକଟରେ ଗ୍ରାମର ମହାଦେବଙ୍କ ମନ୍ଦିର ରହିଥିବା ହେତୁ ପ୍ରଭୁଙ୍କ ଦୋଳ ସମୟରେ ଏଠାରେ ଜାନିଯାତ୍ରା ହେଉଥିବାବେଳେ ପ୍ରଭୁଙ୍କର ବିଭିନ୍ନ ଉତ୍ସବରେ ପ୍ରବଳ ଜନଗହଳି ହେଉଥିବା ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହି ସ୍ଥାନରେ ଯଦି ସରକାର ମେଗାଜଳ ପ୍ରକଳ୍ପ କରନ୍ତି ତେବେ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ବୋଲି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଉପଜିଲ୍ଲାପାଳ ଭୁବନେଶ୍ୱର, ତହସିଲଦାର, ବାଲିପାଟଣା ଏସଇ, ଆରଡବ୍ଲ୍ୟୁଏସଏସ ଭୁବନେଶ୍ୱର ନିକଟକୁ ପଠାଇଥିବା ପ୍ରକାଶ କରିଛନ୍ତି।

# ପୋଡ଼ାଡିହ ସେବା ସମବାୟ ସମିତିର ମଣ୍ଡି ଖୋଲିଲା

**ବେଗୁନିଆ, ୯ ।୧(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡାଡିହ ସେବା ସମବାୟ ସମିତି ପକ୍ଷରୁ ଚାଷୀମାନଙ୍କ ଧାନ ବିକ୍ରୟ ନିମନ୍ତେ ମଣ୍ଡି ଖୋଲିଛି। ଏଥିରେ ସେବା ସମବାୟ ସମିତି ସଭାପତି ସୁଦର୍ଶନ ମାଣିକ, ସମ୍ପାଦକ ପ୍ରଭାତ କୁମାର ମହାନ୍ତି,ସରପଞ୍ଚ ଲତା ସେଠୀ ଓ ସମିତି ସଭ୍ୟ ଅଲେଖ ବେହେରା, ୧୪ ଜଣ ନିର୍ଦ୍ଦେଶକ ରତିକାନ୍ତ ଯୋଗଣିଆ,ବ୍ରଜବନ୍ଧୁ ନାୟକ ଓ ନୀଳମଣି ପଣ୍ଡାଙ୍କ ସମେତ ଉପସ୍ଥିତ ରହି ମଣ୍ଡିର ଉଦଘାଟନ କରିଥିଲେ। ପ୍ରଥମ ଦିନ ମଣ୍ଡିରେ ୩୭ ଜଣଙ୍କ ଠାରୁ ମୋଟ ୧୫ ଶହକ୍ୱିଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ମହିଳା ଚାଷୀ କର୍ପୁର ବେହେରାଙ୍କ ଠାରୁ ଧାନ ବିକ୍ରୟ କରିଥିଲେ। ସିମୋର ଏସଏମ ମିଲର ଉପସ୍ଥିରେ ରହି ଧାନ ସଂଗ୍ରହ କରିଥିବା ବେଳେ ଚାଷୀ ସୂର୍ଯ୍ୟ ନାରାୟଣ ମିଶ୍ର ସହଯୋଗ କରିଥିଲେ।

## ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ /ଭୁବନେଶ୍ୱର ସାନ କ୍ଲବ୍ ଫାଇନାଲରେ

**ନିରାକାରପୁର, ୯ ।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା ଭଗବତୀ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଜଟଣୀ ପାରାଡ଼ାଇଜ, କ୍ଲବ ଓ ସାନ କ୍ଲବ, ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ସଂଘର୍ଷପୂର୍ଣ୍ଣ ହେବାରୁ ଶେଷ ପର୍ଯ୍ୟନ୍ତ ସ୍କୋର ଶୂନ୍ୟ ରହିଥିଲା। ଫଳରେ ରେଫରି ଟ୍ରାଇବ୍ରେକର ଜରିଆରେ ଖେଳ କରିଥିଲେ। ଏଥିରେ ସାନ କ୍ଲବ,ଭୁବନେଶ୍ୱର ୩-୨ ଗୋଲ ସ୍କୋର କରି ଜଟଣୀ ପାରାଡ଼ାଇଜ,



କ୍ଲବ ଦଳକୁ ହରାଇ ଫାଇନାଲକୁ ପ୍ରବେଶ କରିଛି। ଶରତ କୁମାର ଛୋଟରାୟ, ସୁକାନ୍ତ ପ୍ରଧାନ ଓ ଚିତ୍ତରଞ୍ଜନ ପରିଡ଼ା, ନୃସିହ ଚରଣ ମହାନ୍ତି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅତିଥିଭାବେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, କ୍ରୀଡ଼ାପ୍ରେମୀ ଏସକେ ରଫିକ, କେଲୁ ଚରଣ ସେଠୀ, କ୍ଲବ ସଭାପତି ମାନସ ଦାସ, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ, ବୀରେନ ମହାପାତ୍ର ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବେଗୁନିଆକୁ ଏନ୍‌ଏସି ଘୋଷଣା ଦାବି; ଆନ୍ଦୋଳନ ପାଇଁ ପ୍ରସ୍ତୁତି

ବେଗୁନିଆ, ୯।୧(ସମିସ)

୧୯୯୨ ମସିହାରୁ ବେଗୁନିଆକୁ ଏନ୍‌ଏସି ଘୋଷଣା କରିବାକୁ ଦାବି ହୋଇ ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ ଉପେକ୍ଷା କରା ଯାଉଥିବାରୁ ଅଞ୍ଚଳବାସୀ ମନରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଥାଉକି ବେଗୁନିଆ ପଞ୍ଚାୟତ ପକ୍ଷରୁ ଏନ୍‌ଏସି ପ୍ରସ୍ତାବିତ ଏକ ଚିଠି ନଂ ୨୧/୧୬.୨.୨୦୧୫ରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭୌଗଳିକସ୍ଥିତି, ବର୍ଦ୍ଧିତ ଜନସଂଖ୍ୟା ଓ ଆବଶ୍ୟକତା ଦୃଷ୍ଟିରୁ ବ୍ଲକ, ମୁଖ୍ୟ ଡାକଘର, ତହସିଲ,ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ, ଦମକଳ କେନ୍ଦ୍ର, ଥାନା, ଟେଲିଫୋନ ଭବନ, ଉଦ୍ୟାନ କୃଷି କାର୍ଯ୍ୟାଳୟ, ସରକାରୀ ଡାକ୍ତରଖାନା, ରେଲୱେଷ୍ଟେସନ, ପ୍ରାଣୀ ସହାୟକ କେନ୍ଦ୍ର ଓ ବ୍ୟବସାୟର କେନ୍ଦ୍ରସ୍ଥଳ ଅଟେ। ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତ ଓ ବୋଲଗଡ ବ୍ଲକର ୭ଟି ପଞ୍ଚାୟତର ଜନସାଧାରଣ ଦୈନିକ ବିଭିନ୍ନ କାର୍ଯ୍ୟ ନେଇ ବେଗୁନିଆକୁ ଆସିଥାନ୍ତି। ତେବେ ବେଗୁନିଆ ପଞ୍ଚାୟତର ଜନ ସଂଖ୍ୟା ବୃଦ୍ଧି ପାଇବାରୁ ୧୯୯୨ରେ ୧୫ହଜାରରୁ ଅଧିକ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭାଗ କରାଯାଇ ନୂତନ ରାଧାକାନ୍ତପୁର ପଞ୍ଚାୟତ ଗଠନ କରାଯାଇଥିଲା। ହେଲେ ବର୍ତ୍ତମାନ ବେଗୁନିଆର ଜନ ସଂଖ୍ୟା ପ୍ରାୟ ୨୫ହଜାରରୁ ଅଧିକ ହେବ। ଏହି ପଞ୍ଚାୟତର ବାର୍ଷିକ ରାଜସ୍ୱ ଆଦାୟ ପ୍ରାୟ ୩୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ପହଁଞ୍ଚି ଥିବାବେଳେ ଯୋଗ୍ୟତାକୁ ନେଇ ବେଗୁନିଆକୁ ଏନ୍‌ଏସି ଘୋଷଣା କରିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ଗୁରୁତ୍ୱ ଦିଆଯାଉ ବୋଲି ବିକାଶ ମଞ୍ଚର ଆବାହକ ଶିବ କୁମାର ମୁନିଙ୍କ ସମେତ ସଚେତନ ନାଗରିକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଗତ ଦିନରେ ପୂର୍ବତନ ନଗର ଉନ୍ନୟନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ଦିଆଯାଇଥିଲା। ଆଗାମୀ ଦିନରେ ବେଗୁନିଆକୁ ଏନ୍‌ଏସି ଘୋଷଣା କରାନଗଲେ ଆନ୍ଦୋଳନକୁ ଜୋରଦାର କରିବା ସହ ଆଇନ ଅମାନ୍ୟ ଆନ୍ଦୋଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

## ଦୁର୍ବୃତ୍ତ ଜାଳିଦେଲେ ନଡ଼ାଗଦା

**ନିରାକାରପୁର, ୯ ।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଅଧୀନସ୍ଥ ଲେଣ୍ଡୁ ପଞ୍ଚାୟତ ରେଙ୍ଗଟା ଗ୍ରାମର ଗରିବ ଗଙ୍ଗାଧର ମହାପାତ୍ରଙ୍କ ନଡ଼ା ଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ପ୍ରାୟ ୩୦ ହଜାର ଟଙ୍କାର କ୍ଷତି ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ତାଙ୍କର ଜମିରେ ଜଣେ ଛତୁ ଫାର୍ମକୁ ନଡ଼ା ଦେବା ପାଇଁ ଗଦା ମାରି ରଖି ଥିବାବେଳେ କେହି ଦୁର୍ବୃତ୍ତ ଜାଣିଶୁଣି ନିଆଁ ଲଗାଇ ଦେଇଛି। ଏ ବିଷୟରେ ଶ୍ରୀ ମହାପାତ୍ର ଟାଙ୍ଗୀ ତହସିଲଦାରଙ୍କୁ ଅଭିଯୋଗ କରିବା ପରେ ନିରାକାରପୁର ରାଜସ୍ୱ ନୀରିକ୍ଷକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି। ଗଙ୍ଗାଧର ଜଣେ ଗରିବ ଶେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗଦେବାକୁ ଦାବି ହେଉଛି।

● ହାଇଟେକ୍ ମେଡିକାଲ ବିସ୍ଫୋରଣରେ ମୃତ୍ୟୁ ଘଟଣା

# ସଂଶୟ ଦୂରକଲା ଡିଏନ୍‌ଏ ରିପୋର୍ଟ

**ଭୁବନେଶ୍ୱର, ୯ ।୧(ସମିସ):** ହାଇଟେକ୍ ହସ୍ପିଟାଲ ବିସ୍ଫୋରଣ ଘଟଣାରେ ମୃତଦେହକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ଡିଏନ୍‌ଏ ରିପୋର୍ଟ ଆସିବା ପରେ ତୃତୀୟ ମୃତକ ଜଣକ ଦିଲ୍ଲୀପ ସାମନ୍ତରାୟ ବୋଲି ସ୍ପଷ୍ଟ କରିଛି କମିସନରେଟ ପୁଲିସ। ପରିଚୟ ସ୍ପଷ୍ଟ ହେବା ପରେ ଦିଲ୍ଲୀପଙ୍କ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

**ତୃତୀୟ ମୃତକ ହିଁ ଦିଲିପ ସାମନ୍ତରାୟ**

ଗତ ୨୯ ତାରିଖ ସନ୍ଧ୍ୟାରେ ହାଇଟେକ୍ ହସ୍ପିଟାଲ ଛାତ ଉପରେ ଏସି ଗ୍ୟାସ୍ ଭର୍ତ୍ତି ବେଳେ ଘଟିଥିବା ବିସ୍ଫୋରଣରେ ଦିଲ୍ଲୀପ ସାମନ୍ତରାୟ, ସୀମାଞ୍ଚଳ ବିଶ୍ୱାଳ, ଜ୍ୟୋତିରଞ୍ଜନ ମଲ୍ଲିକ ଓ ଶ୍ରୀତମ ସାହୁ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ଚିକିତ୍ସାଧୀନ ଜ୍ୟୋତିରଞ୍ଜନ ପ୍ରାଣ ହରାଇଥିଲେ। ମାତ୍ର ଡାକ୍ତରଖାନା ପକ୍ଷରୁ ମୃତକଙ୍କୁ ଦିଲିପ ବୋଲି ଚିହ୍ନଟ କରାଯାଇ ମରଶରୀରକୁ ଦିଲିପଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା। ପରିବାର ଲୋକମାନେ ଶବସତ୍କାର କରିଥିଲେ ଓ ପତିଙ୍କ ମୃତ୍ୟୁରେ ମ୍ରିୟମାଣ ଗର୍ଭବତୀ ପତ୍ନୀ ସୌମ୍ୟାଶ୍ରୀ ସାମନ୍ତରାୟ ଆତ୍ମହତ୍ୟା କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଅନ୍ୟଜଣେ ବ୍ୟକ୍ତି ଭେଣ୍ଟିଲେଟରରୁ ବାହାରିବା ପରେ ନିଜକୁ ଦିଲ୍ଲୀପ ବୋଲି ପରିଚୟ ଦେବା ପରେ ସୃଷ୍ଟି ହୋଇଥିଲା ଦ୍ୱନ୍ଦ୍ୱ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ଏହାର ପରଦିନ ମୃତ୍ୟୁବରଣ କରିବା ପରେ ଏହାକୁ ନେଇ ଦ୍ୱନ୍ଦ ଦେଖାଯିବା ସହ ହସ୍ପିଟାଲ ଲାଗି ଅଡୁଆ ବଢ଼ିଥିଲା।

ମୃତଦେହଟି ଦିଲ୍ଲୀପ ନା ଜ୍ୟୋତିରଞ୍ଜନଙ୍କ ପରିବାରକୁ ହସ୍ତାନ୍ତର କରାଯିବ ତାକୁ ନେଇ ପୁଲିସ ଦ୍ୱନ୍ଦ୍ୱରେରେ ପଡ଼ିଥିଲା। ଏଥିଲାଗି ମୃତଦେହକୁ ଏମ୍‌ସ୍‌କୁ ସ୍ଥାନାନ୍ତରିତ କରାଯାଇ ବ୍ୟବଚ୍ଛେଦ କରାଯାଇଥିଲା। ମୃତଦେହ ଚିହ୍ନଟ ଲାଗି ଦିଲ୍ଲୀପଙ୍କ ମା' ଓ ଜ୍ୟୋତିରଞ୍ଜନଙ୍କ ବାପା ଓ ମା'ଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ୩ଜଣଙ୍କ ରକ୍ତନମୁନା ସହିତ ଦିଲ୍ଲୀପଙ୍କ ଶରୀରର ଡିଏନ୍‌ଏ ନମୁନା ରାଜ୍ୟ ଅପରାଧ ବିଧି ବିଜ୍ଞାନଗାର ପରୀକ୍ଷା ଲାଗି ପଠାଯାଇଥିଲା। ମଙ୍ଗଳବାର ରାଜ୍ୟ ଅପରାଧ ବିଧି ବିଜ୍ଞାନଗାର ପକ୍ଷରୁ ପୁଲିସକୁ ଡିଏନ୍‌ଏ ରିପୋର୍ଟ ହସ୍ତାନ୍ତର କରାଯାଇଥିଲା। ଡିଏନ୍‌ଏ ରିପୋର୍ଟ ପାଇବା ପରେ ପୁଲିସ ଡାକ୍ତରଙ୍କ ମତାମତ ନେଇଥିଲା। ଡାକ୍ତରଙ୍କ ମତାମତ ପରେ ମୃତଦେହଟି ଦିଲିପଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ସେପଟେ ଏହି ବିସ୍ଫୋରଣ ଘଟଣାରେ ଏଯାବତ୍ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସୀମାଞ୍ଚଳ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି।

ଜଟଣୀରେ ବଢ଼ିଲା ବିଜେଡି ବଳ

# ୪ ପଞ୍ଚାୟତର ଶତାଧିକ ବିଜେପି ନେତା ଓ କର୍ମୀ ବିଜେଡିରେ ସାମିଲ

**ଭୁବନେଶ୍ୱର, ୯ ।୧(ସମିସ):** ଜଟଣୀ ନିର୍ବାଚନମଣ୍ଡଳୀରେ ଭାରତୀୟ ଜନତା ପାର୍ଟିକୁ ଲାଗିଛି ଜୋରଦାର ଝଟକା। ଜମଲିପଡ଼ା, ନପୁଟ ଓ ନରସିଂହପୁର ଗ୍ରାମପଞ୍ଚାୟତର ଶତାଧିକ ବିଜେପି କର୍ମୀ ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ମଙ୍ଗଳବାର ସଂଧ୍ୟାରେ ଶଙ୍ଖଭବନ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନା ଏବଂ ଜିଲ୍ଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ସେମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ସ୍ୱଚ୍ଛ ଭାବମୂର୍ତ୍ତି ଓ ଆଦର୍ଶରେ ଆମକୁ ସର୍ବଦା ଅନୁପ୍ରାଣିତ କରିଆସିଛି। ବିଜେଡି ହେଉଛି ଏକମାତ୍ର ଦଳ ଯେଉଁଠାରେ ଅନୁଶାସନ ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଏ। ଏପରି ଏକ ଦଳରେ ସାମିଲ ହୋଇ ଲୋକଙ୍କ ପାଇଁ କାମ କରିବା ଆମ ପାଇଁ ସୌଭାଗ୍ୟର ବିଷୟ। ଆମକୁ ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ

● ମିଶ୍ରଣ ପର୍ବରେ ସାମିଲ ହେଲେ ବିଜେପି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ

ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ କହିଥିଲେ।

ମଲିପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ସୁନୀଲ ମୁଦୁଲି, ନାଏବ ସରପଞ୍ଚ ମମତା ବଡ଼ଜେନା, ୱାର୍ଡ଼ମେମ୍ବର ଶ୍ୟାମସୁନ୍ଦର ଦେହୁରୀ, ସୁରେନ୍ଦ୍ର ରାଉତରାୟ, ମନୋରଞ୍ଜନ ପ୍ରଧାନ, ନୃସିଂହ ଚରଣ ଜେନା, ଖୋକନ ମଙ୍ଗରାଜ, ନପୁଟ ଗ୍ରାମପଞ୍ଚାୟତର ସରପଞ୍ଚ ସୁଚିତ୍ରା ପାତ୍ର, କମ୍ବୁପାଣି ପାତ୍ର, ଖୋର୍ଦ୍ଧା ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପସଭାପତି ରାଜେଶ ପାତ୍ର, ବିଜେପି କର୍ମୀ ପ୍ୟାରୀ ମୋହନ ପରିଡ଼ା, ସୁଶୀଲ ପରିଡ଼ା, କୃପାସିନ୍ଧୁ ସାମନ୍ତରାୟ, ପ୍ରଦୀପ ପାଇକରାୟ, ନୀଳକଣ୍ଠ ଜେନା, ଟୁଟିଲ ଭାରିମଲ, ନବ ମଙ୍ଗରାଜ, ରାକେଶ ପାତ୍ର, ଅଜୟ ଜେନା, ପର୍ଶୁରାମ ପାଇକରାୟ, ରଣସିଂହପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ବର୍ଷାରାଣୀ ନାୟକ, ୱାର୍ଡ଼ ସଭ୍ୟ ମିଲନ କୁମାର ବଡ଼ଜେନା, ସୁବାସ ଚନ୍ଦ୍ର ମହାପାତ୍ର, ମନୋଜ କୁମାର ରଥ, ମଦନ ମୋହନ ବେହେରା, ନାଲୁ ସେନାପତି, ପ୍ରିୟରଞ୍ଜନ ନାୟକଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜଟଣୀ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର, ଖୋର୍ଦ୍ଧା ଜିଲ୍ଲା ସହପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର ଓ ଭୁବନେଶ୍ୱର ବ୍ଲକ ବିଜେଡ଼ି ସଭାପତି ମହେନ୍ଦ୍ର କୁମାର ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

